ଧରିତ୍ରୀ
DHARITRI
ଶନିବାର, ମେ ୧୫/୨୦୨୧ | Saturday, May 15/2021 | ପୃଷ୍ଠା-୧



## ସଚେତନ କରାଇଲେ ଚିରଞ୍ଜୀବୀ

ମେଗାଷ୍ଟାର ଚିରଞ୍ଜୀବୀ ଗତବର୍ଷ ମାର୍ଚ୍ଚରୁ କରୋନା ଯୋଗୁ ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ସହାୟତା କରିଆସୁଛନ୍ତି। ଏବେ ସେ କୋଭିଡ୍ ସଚେତନତା ସୃଷ୍ଟି କାର୍ଯ୍ୟରେ ନିୟୋଜିତ ଅଛନ୍ତି।

୦୫

୧୦

## ଓଡ଼ିଶା ଏଫ୍‌ସିରୁ ଖେଳିବେ ପନ୍ୱାର

ଫୁଲ୍‌ବ୍ୟାକ ସାହିଲ ପନ୍‌ୱାର ଖେଳାଳି ବଦଳି ଚୁକ୍ତିଭିତ୍ତିରେ ହାଇଦ୍ରାବାଦ ଏଫ୍‌ସିରୁ ଆସି ଓଡ଼ିଶା ଏଫ୍‌ସି ତରଫରୁ ଖେଳିବେ।



# ଘାରିଲା ବ୍ଲାକ୍ ଫଙ୍ଗସ୍ ଚିନ୍ତା

## ସରକାର ଗଠନ କଲେ ରାଜ୍ୟସ୍ତରୀୟ କମିଟି

- ସମସ୍ତ ମେଡିକାଲରେ ଗଠନ ହେବ ବିଶେଷଜ୍ଞ କମିଟି
- ରୋଗୀଙ୍କ ଭର୍ତ୍ତି ସମ୍ପର୍କରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ରାଜ୍ୟରେ କୋରାନାର ଦ୍ୱିତୀୟ ଲହର ହନ୍ତସନ୍ତ କରୁଥିବା ବେଳେ ମ୍ୟୁକୋରମାଇକୋସିସ୍ ବା ବ୍ଲାକ୍ ଫଙ୍ଗସ୍ ଚିନ୍ତା ବଢ଼ାଇ ଦେଇଛି। କୋରାନାରୁ ସୁସ୍ଥ ହେଉଥିବା କେତେଜଣ ବ୍ୟକ୍ତିଙ୍କଠାରେ ବ୍ଲାକ୍ ଫଙ୍ଗସ୍ ସଂକ୍ରମଣ ଦେଖିବାକୁ ମିଳୁଛି। ମହାରାଷ୍ଟ୍ର, ଦିଲ୍ଲୀ, ରାଜସ୍ଥାନ, ମଧ୍ୟପ୍ରଦେଶ ଭଳି ରାଜ୍ୟରେ ଏହି ରୋଗ ବ୍ୟାପୁଥିବାବେଳେ ଓଡ଼ିଶାରେ ମଧ୍ୟ ବ୍ଲାକ ଫଙ୍ଗସ ରୋଗୀ ଚିହ୍ନଟ ହୋଇଛନ୍ତି। ଏହି ରୋଗର ଶୀଘ୍ର ଚିହ୍ନଟ ଓ ମୁକାବିଲା ପାଇଁ ଗାଇଡଲାଇନ୍ ପ୍ରସ୍ତୁତ କରିବା ସକାଶେ ରାଜ୍ୟ ସରକାର ଶୁକ୍ରବାର ୭ ଜଣିଆ ରାଜ୍ୟସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ଏଥିସହିତ ପ୍ରତ୍ୟେକ ସରକାରୀ ମେଡିକାଲ କଲେଜରେ ବ୍ଲାକ୍ ଫଙ୍ଗସ୍ ରୋଗର ☞ପୃଷ୍ଠା-୨



## ମହାରାଷ୍ଟ୍ରରେ ୫୨ ଜୀବନ ଗଲାଣି

**ମୁମ୍ବାଇ,୧୪।୫**

ମହାମାରୀ କରୋନାର ଦ୍ୱିତୀୟ ଲହର ମହାରାଷ୍ଟ୍ରରେ ସର୍ବାଧିକ ପ୍ରଭାବ ପକାଇଥିବା ବେଳେ ମ୍ୟୁକୋରମାଇକୋସିସ୍ ବା ବ୍ଲାକ୍ ଫଙ୍ଗସ୍ ରୋଗରେ ଜୀବନହାନି ଚିନ୍ତା ବଢ଼ାଇଛି। ଗତବର୍ଷ କରୋନାର ପ୍ରକୋପ ଦେଖାଦେବା ଦିନଠାରୁ ଏଯାଏ ମହାରାଷ୍ଟ୍ରରେ ୫୨ ଜଣ ଲୋକଙ୍କ ବ୍ଲାକ୍ ଫଙ୍ଗସ୍‌ରେ ମୃତ୍ୟୁ ଘଟିଲାଣି। ସେମାନେ ସମସ୍ତେ କରୋନାରେ ସଂକ୍ରମିତ ହୋଇ ସୁସ୍ଥ ହୋଇଥିଲେ ବୋଲି ମହାରାଷ୍ଟ୍ର ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନ୍ୟୁଜ୍ ଏଜେନ୍ସି ପିଟିଆଇକୁ କହିଛନ୍ତି। ପ୍ରଥମ ଥର ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ଲାକ୍ ଫଙ୍ଗସ୍‌ଜନିତ ମୃତ୍ୟୁର ତାଲିକା କରିଥିବା ଉକ୍ତ ଅଧିକାରୀ ଜଣକ କହିଛନ୍ତି। ଗତ ବୁଧବାର ମହାରାଷ୍ଟ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜେଶ ତୋପେ କହିଥିଲେ ଯେ, ରାଜ୍ୟରେ ପ୍ରାୟ ୧୫୦୦ ବ୍ଲାକ୍ ଫଙ୍ଗସ୍ ମାମଲା ରହିଛି, ଯାହାକି କରୋନାର ଦ୍ୱିତୀୟ ଲହରର ଗମ୍ଭୀର ସ୍ଥିତିରୁ ସୃଷ୍ଟି ହୋଇଛି।

## ୧୨,୩୯୦ ଆକ୍ରାନ୍ତ, ୨୨ ମୃତ

- ନିୟନ୍ତ୍ରଣରୁ ଖସୁଛି ରାଜ୍ୟର କରୋନା ସ୍ଥିତି
- ସଂକ୍ରମଣ, ମୃତ୍ୟୁରେ ସର୍ବକାଳୀନ ରେକର୍ଡ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ସଂକ୍ରମଣ ବଢ଼ୁଥିବା ଶୀର୍ଷ ୫ ରାଜ୍ୟ ମଧ୍ୟରେ ଓଡ଼ିଶା ରହୁଛି। ଦ୍ୱିତୀୟ ଲହର ସଂକ୍ରମଣର ଦ୍ରୁତ ଗତିକୁ ଦେଖିଲେ ରାଜ୍ୟରେ କରୋନା ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବା ଜଣାପଡୁଛି। ସ୍ଥିତି ଏପରି ହୋଇଛି ଦୈନିକ ସଂକ୍ରମଣ ଓ ମୃତ୍ୟୁରେ ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି। ଗତ ୨୪ ଘଣ୍ଟାରେ ସର୍ବକାଳୀନ ରେକର୍ଡ ହୋଇଛି। ୧୨,୩୯୦ ସଂକ୍ରମିତ ହୋଇଥିବାବେଳେ ୨୨ଜଣଙ୍କ ଜୀବନ ନେଇଛି ଘାତକ ମହାମାରୀ। ଗତ ୭ ତାରିଖରେ ରାଜ୍ୟରେ ସର୍ବାଧିକ ୧୨,୨୩୮ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାପରେ ଧୀରେ ଧୀରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦ହଜାର ତଳକୁ ଆସିଥିଲା। ଟେଷ୍ଟିଂ କମିଥିବାରୁ ସଂକ୍ରମଣ କମ୍ ଥିବା ଜଣାପଡିଥିଲା। ପୂର୍ବରୁ ୫୦ହଜାରଠାରୁ କମ୍ ଟେଷ୍ଟିଂ କରାଯାଉଥିବାବେଳେ ଗତ ୨୪ ଘଣ୍ଟାରେ ୫୬,୨୧୪ ଟେଷ୍ଟିଂ ହୋଇଥିଲା ଏବଂ ୧୨,୩୯୦ ପଜିଟିଭ୍ ବାହାରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କ୍ୱାରାଣ୍ଟାଇନ ସେଣ୍ଟରରୁ ୬,୯୩୮ ଚିହ୍ନଟ ହୋଇଥିବାବେଳେ ୫,୪୫୨ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ପୁଣି ରେକର୍ଡ ସଂଖ୍ୟକ ସଂକ୍ରମିତ ରହିଛନ୍ତି। ଏହି ଜିଲାରେ ଏବେ ୨ ହଜାର ପାର୍ କରିଛି ଦୈନିକ ସଂକ୍ରମଣ। ଜିଲାରୁ ସର୍ବାଧିକ ୨,୨୦୧ଜଣ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ରୁ ୮୮୨, କଟକରୁ ୭୧୯, ସମ୍ବଲପୁରରୁ ୬୭୭, ଅନୁଗୋଳରୁ ୫୩୨, ବରଗଡ଼ରୁ ୫୦୭, ମୟୂରଭଞ୍ଜରୁ ୪୮୦, ପୁରୀରୁ ୪୬୯, ବଲାଙ୍ଗୀରରୁ ୪୬୧, ଭଦ୍ରକରୁ ୪୧୨, ଯାଜପୁରରୁ ୪୩୬, ଝାରସୁଗୁଡ଼ାରୁ ୪୧୩, ଗଞ୍ଜାମରୁ ୩୮୭, ନବରଙ୍ଗପୁରୁ ୩୬୨ ଓ ନୟାଗଡ଼ରୁ ୩୦୧ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ☞ପୃଷ୍ଠା-୨



## ବିଶେଷ ସୂଚନା

ଆପଣମାନଙ୍କ ସହଯୋଗ 'ଧରିତ୍ରୀ'କୁ ଆଜି ଓଡ଼ିଶାରେ ଏକ ଭିନ୍ନ ସ୍ୱାଦର ଖବରକାଗଜ ଭାବେ ଗଢ଼ିତୋଳିଛି। ଗତ କିଛିବର୍ଷ ଧରି ଖବରକାଗଜ ଛାପା ଓ ପ୍ରକାଶନ କ୍ଷେତ୍ରରେ ବିଭିନ୍ନ ସାମଗ୍ରୀ ଯଥା କାଗଜ, କାଳି, କେମିକାଲ, ପ୍ଲେଟ୍ ଆଦିର ଦାମ୍ ଅହେତୁକ ବୃଦ୍ଧି ଘଟିଚାଲିଛି। ଏଥିସହ ବିଦ୍ୟୁତ୍, ଡିଜେଲ, ପେଟ୍ରୋଲର ଦର ବୃଦ୍ଧି ପାଇବାରେ ଲାଗିଛି। ଗତ ବର୍ଷେରୁ ଊର୍ଦ୍ଧ୍ୱ କାଳ ଧରି କରୋନା ମହାମାରୀ ଛାପା ଗଣମାଧ୍ୟମକୁ ବିଶେଷ ପ୍ରଭାବିତ କରିଛି। ଏଥିସହିତ ଛାପା କ୍ଷେତ୍ରରେ ବୈଷୟିକ ଆଧୁନିକୀକରଣର ସମାପ୍ତି ନ ଥିବାରୁ, ତାହା ଏକ ଦୈନନ୍ଦିନ ବ୍ୟୟବହୁଳ ପରିସ୍ଥିତି ସୃଷ୍ଟି କରୁଛି। ଏଭଳି ସ୍ଥଳେ ଏବେକାର ମୂଲ୍ୟରେ ଧରିତ୍ରୀ ଯୋଗାଇବା ସମ୍ଭବପର ହେଉନାହିଁ।

ଧରିତ୍ରୀ ଆପଣଙ୍କ ନିକଟରେ ସର୍ବଦା ନିରପେକ୍ଷ ଓ ତଥ୍ୟଭିତ୍ତିକ ଖବର ପହଞ୍ଚାଇବା ପାଇଁ ବଦ୍ଧପରିକର। ପ୍ରକୃତ ସାମ୍ବାଦିକତାକୁ ଟଙ୍କାରେ ମାପିହେବ ନାହିଁ। ଆମର ସର୍ବୋତ୍କୃଷ୍ଟ ଉଦ୍ୟମକୁ ବଜାୟ ରଖିବା ଲାଗି ପାଠିକାପାଠକଙ୍କୁ ସହଯୋଗ ଜାରି ରଖିବାକୁ ନିବେଦନ କରୁଛୁ। ଏହି ବିଶ୍ୱାସ ରଖି ଆମର ଅନିଚ୍ଛା ସତ୍ତ୍ୱେ ୧୬ ମେ' ୨୦୨୧ରୁ ଧରିତ୍ରୀର ଦୈନିକ ମୂଲ୍ୟ ୭ଟଙ୍କାକୁ ବୃଦ୍ଧି କରୁଛୁ। ରବିବାର ଛୁଟିଦିନ ସହ ଧରିତ୍ରୀର ମୂଲ୍ୟ ମଧ୍ୟ ୭ଟଙ୍କା ରହିବ। ଏହାକୁ ସହୃଦୟତାର ସହ ଗ୍ରହଣ କରିବାକୁ ବିନୀତ ଅନୁରୋଧ।

**ସମ୍ପାଦକ**

## ସ୍ପୁଟନିକ୍-ଭି ଡୋଜ୍ ପିଛା ୯୯୫

**ନୂଆଦିଲ୍ଲୀ, ୧୪।୫**

ରୁଷିଆରୁ ଆମଦାନୀ ହୋଇଥିବା ସ୍ପୁଟ୍‌ନିକ ଭି ଟିକା ଡୋଜ୍ ପ୍ରତି ଦାମ୍ ଭାରତରେ ୯୯୫ ଟଙ୍କା ୪୦ ପଇସା ରହିବ। ଡ. ରେଡ୍ଡିସ୍ ଲାବରେଟୋରିଜ୍ ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ଏହାର ସର୍ବାଧିକ ଖୁଚୁରା ଦର (ଏମ୍‌ଆର୍‌ପି) ୯୪୮ ଟଙ୍କା ହୋଇଥିବାବେଳେ ଜିଏସ୍‌ଟି ୫ ପ୍ରତିଶତକୁ ହିସାବ କଲେ ୯୯୫ ଟଙ୍କା ୪୦ ପଇସା ଦେବାକୁ ପଡ଼ିବ। ତେବେ ଭାରତରେ ଏହି ଟିକା ପ୍ରସ୍ତୁତ ହେଲେ ଶସ୍ତା ହୋଇପାରେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସ୍ପୁଟ୍‌ନିକ ଭି ଟିକା ୯୧.୬ ପ୍ରତିଶତ ଫଳପ୍ରଦ। ଏହାର ଦୁଇଟି ଡୋଜ୍ ନେବାକୁ ହୋଇଥାଏ। ଶୁକ୍ରବାର ହାଇଦ୍ରାବାଦରେ ଏହି ଟିକାର ପ୍ରଥମ ଡୋଜ୍ ପ୍ରଦାନ କରାଯାଇଛି। ଦେଶର ୩୫ଟି କେନ୍ଦ୍ରରେ ଉକ୍ତ ଟିକା ଦିଆଯିବ ବୋଲି ଜଣାପଡ଼ିଛି। କୋଭିଶିଲ୍ଡ ଏବଂ କୋଭାକ୍ସିନ ପରେ ସ୍ପୁଟ୍‌ନିକ୍ ଭି ଭାରତରେ ☞ପୃଷ୍ଠା-୨

### ହାଇଦ୍ରାବାଦରେ ଦିଆଗଲା ପ୍ରଥମ ଡୋଜ୍




## କରୋନା ଆକ୍ରାନ୍ତ ୧୫ ଦିନର ଶିଶୁ ମୃତ

### କୋଭିଡ୍ ହସ୍ପିଟାଲରେ ୧୭ ଦିନର ଶିଶୁ

**ବ୍ରହ୍ମପୁର ଅଫିସ୍,୧୪।୫**

କରୋନାର ଦ୍ୱିତୀୟ ଲହରରେ ଶିଶୁ ସଂକ୍ରମିତ ହେଲେଣି। ଗତ ସୋମବାର ବ୍ରହ୍ମପୁର ହାଉସିଂ ବୋର୍ଡ଼ରେ ରହୁଥିବା ଜଣେ ୧୦ ବର୍ଷୀୟ ନାବାଳକଙ୍କ କରୋନାରେ ମୃତ୍ୟୁ ଘଟିଥିଲା। ଶୁକ୍ରବାର ପୁଣି ଏମ୍‌କେସିଜି ମେଡିକାଲରେ ୧୫ ଦିନର ଜଣେ ଶିଶୁର କରୋନାରେ ମୃତ୍ୟୁ ଘଟିଥିବା ବେଳେ ୧୭ ଦିନର ଅନ୍ୟ ଜଣେ ଶିଶୁ ଗୁରୁତର ରହିଛି। ଦୁଇ ନବଜାତଙ୍କ ମା' ଓ ବାପାଙ୍କ କରୋନା ରିପୋର୍ଟ ନେଗେଟିଭ୍ ରହିଥିବାରୁ ☞ପୃଷ୍ଠା-୨




## ଗୋଆରେ ମଲେଣି ୭୫ ରୋଗୀ

### ଅକ୍ସିଜେନ ସଙ୍କଟ

**ପଣଜୀ, ୧୪।୫**

ଗୋଆର ସବୁଠୁ ବଡ଼ କୋଭିଡ୍ ହସ୍ପିଟାଲ ଭାବେ ପରିଚିତ ଗୋଆ ମେଡିକାଲ କଲେଜ ହସ୍ପିଟାଲରେ ଅକ୍ସିଜେନ୍‌ର ଗୁରୁତର ସଙ୍କଟ ଦେଖାଯାଇଛି। ଅକ୍ସିଜେନ ଅଭାବରୁ ସେଠାରେ ଗତ ୪ ଦିନ ମଧ୍ୟରେ ୭୫ ରୋଗୀଙ୍କ ଜୀବନ ଗଲାଣି। ଶୁକ୍ରବାର ୧୩ ଜଣଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ୨୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ବୁଧବାର ୨୧ ଏବଂ ଗୁରୁବାର ୧୫ ଜଣଙ୍କ ଜୀବନ ଯାଇଥିଲା। ସମସ୍ତ ମୃତ୍ୟୁ ରାତି ୧ଟାରୁ ୬ଟା ମଧ୍ୟରେ ଘଟିଥିବା ଗୋଆ ଫରଓ୍ୱାର୍ଡ ପାର୍ଟି ନେତା ବିଜୟ ସରଦେଶାଇ କହିଛନ୍ତି। ଏହାକୁ ନେଇ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଓ ବରିଷ୍ଠ ଅଧିକାରୀମାନଙ୍କ ବିରୋଧରେ ପୋଲିସରେ ଏତଲା ଦାଏର କରିଛନ୍ତି। କର୍ତ୍ତବ୍ୟରେ ଅବହେଳା ଏବଂ ଜାଣିଶୁଣି ଡ୍ୟୁଟିରେ ଅନୁପସ୍ଥିତି ଯୋଗୁ ରୋଗୀଙ୍କୁ ଅକ୍ସିଜେନ୍ ଯୋଗାଣରେ ସମସ୍ୟା ସୃଷ୍ଟି ହେଲା ଏବଂ ଏତେ ସଂଖ୍ୟାରେ ରୋଗୀଙ୍କ ଜୀବନ ଗଲା ବୋଲି ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଗୋଆ କଂଗ୍ରେସ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିରୋଧରେ ଅପରାଧ ମାମଲା ରୁଜୁ କରିବା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।




ଗୋଆ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ।

## ପେଟ୍ରୋଲ ୨୯, ଡିଜେଲ ୩୭ ପଇସା ବଢ଼ିଲା



**ନୂଆଦିଲ୍ଲୀ/ଭୁବନେଶ୍ୱର,୧୪।୫**

ଚଳିତ ମାସରେ ୯ ମ ଥର ଲାଗି ତେଲ ଦର ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ସାରା ଦେଶରେ ପେଟ୍ରୋଲ ଓ ଡ଼ିଜେଲ ଦର ରେକର୍ଡ ସ୍ତର ଡେଇଁବା ସହ ଓଡ଼ିଶାରେ ମଧ୍ୟ ସର୍ବକାଳୀନ ରେକର୍ଡ ହୋଇଛି। ଏପରିକି ଓଡ଼ିଶା ତୈଳ ବଜାର ଆରମ୍ଭ ହେବା ଦିନଠାରୁ ଉଭୟ ପେଟ୍ରୋଲ ଓ ଡିଜେଲ ଦର କେବେ ୯୦ ଟଙ୍କା ଛୁଇଁ ନ ଥିଲା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବ୍ୟବସ୍ଥା ଭୁଶୁଡ଼ିପଡ଼ିଛି**

## ଚାଷୀଙ୍କ ଖାତାକୁ ଗଲା ୯୨୦ କୋଟି

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

### କାଳିଆ ଯୋଜନା

- ଚାଷୀଙ୍କ ତ୍ୟାଗର ତୁଳନା ନାହିଁ: ମୁଖ୍ୟମନ୍ତ୍ରୀ
- ଯୋଜନା ଚାଷୀଙ୍କ ମୁହଁରେ ହସ ଫୁଟାଇଛି
- କୋଭିଡ୍ ନିୟମ ମାନି ଚାଷ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ

ଶନିବାର ଅକ୍ଷୟତୃତୀୟା। ରାଜ୍ୟରେ ଚାଷ କାର୍ଯ୍ୟ ଅନୁକୂଳ ହେବ। ଚାଷୀ ପାଇଁ ଏହା ଏକ ଆନନ୍ଦର ଦିନ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହିତ ୨୦୨୧ ବର୍ଷ ପାଇଁ କାଳିଆ ଯୋଜନାରେ ୯୨୦ କୋଟି ଟଙ୍କା ଚାଷୀମାନଙ୍କ ଖାତାରେ ଜମା କରାଯାଇଥିବା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିରେ ରାଜ୍ୟର ୪୨ ଲକ୍ଷ ଚାଷୀ ପରିବାର ଉପକୃତ ହେବେ। ରାଜ୍ୟର ଛୋଟ, ନାମମାତ୍ର ଚାଷୀ ଓ ଭୂମିହୀନ ଚାଷୀ ପରିବାର ଏହି କାଳିଆ ଯୋଜନାର ସହାୟତା ପାଇ ଏହାକୁ ଚାଷ କାର୍ଯ୍ୟରେ ତଥା ଜୀବନଜୀବିକାର ଉନ୍ନତିରେ ଲଗାଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚାଷୀଙ୍କ ପାଇଁ ସାରା ଦେଶରେ କାଳିଆ ସବୁଠାରୁ ଭଲ ଯୋଜନା। ଏହି ଯୋଜନା ଚାଷୀଙ୍କ ମୁହଁରେ ହସ ଫୁଟାଇଛି। ଚାଷୀଙ୍କର ଋଣ ଭାର ହ୍ରାସ କରିବାରେ ମଧ୍ୟ ଏହା ସହାୟକ ହୋଇଛି। ଚାଷୀଙ୍କ ତ୍ୟାଗର ଉଚ୍ଚ ପ୍ରଶଂସା କରି ନବୀନ କହିଛନ୍ତି, ଚାଷୀ ଆମର ଗର୍ବ ଓ ଗୌରବ। ଦେଶ ଓ ସମାଜ ପାଇଁ ଚାଷୀମାନଙ୍କ ତ୍ୟାଗର ତୁଳନା ନାହିଁ। ଗତବର୍ଷ କୋଭିଡ୍ ସମୟରେ ଚାଷୀ ହିଁ ଅର୍ଥନୀତିକୁ ସଞ୍ଜୀବନୀ ପରି ଶକ୍ତି ଦେଇଥିଲେ। ଚାଷୀଙ୍କ ତ୍ୟାଗର ମୂଲ୍ୟ କେହି ଦେଇ ପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। 'ମୋ ରାଜ୍ୟର ଚାଷୀମାନେ ଭଲରେ ରୁହନ୍ତୁ, ସେମାନଙ୍କର ରୋଜଗାର ବଢୁ। ପରିବାରରେ ସମୃଦ୍ଧି ଆସୁ। ଏଥିପାଇଁ ମୁଁ କାମ କରୁଛି ଓ କରି ଚାଲିବି' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କରୋନା ସମ୍ପର୍କରେ ସଚେତନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏବେ ଆମେ କୋଭିଡ୍ ସଂକ୍ରମଣର ଦ୍ୱିତୀୟ ଲହରର ସାମ୍ନା କରୁଛେ। ସଂକ୍ରମଣ ନିୟନ୍ତ୍ରଣ କରିବାକୁ ଲକ୍‌ଡାଉନ ଚାଲିଛି। କିନ୍ତୁ କୃଷିକ୍ଷେତ୍ର ପାଇଁ କୌଣସି ଲକ୍‌ଡାଉନ ନାହିଁ। ଚାଷୀଭାଇମାନେ କୋଭିଡ୍ ନିୟମ ମାନି ଚାଷ କାମ ଜାରିରଖିବା ସହିତ ସରକାରଙ୍କ ବିଭିନ୍ନ କୃଷି ବିକାଶ ଯୋଜନାର ସୁଯୋଗ ନେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଚଳିତ ବର୍ଷ ପାଇଁ ଭଲ ପାଗ, ଭଲ ଫସଲ ଓ ଚାଷୀ ପରିବାରର ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ସହ ସରକାରଙ୍କ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ପୁଣି ଥରେ ନିବେଦନ କରିଛନ୍ତି। ☞ପୃଷ୍ଠା-୨



ନବୀନ ପଟ୍ଟନାୟକ

## ଅଷ୍ଟମ କିସ୍ତିରେ କୃଷକଙ୍କୁ ୨୦ ହଜାର କୋଟି

### ପିଏମ୍ କିଷାନ

**ନୂଆଦିଲ୍ଲୀ, ୧୪।୫**

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାରେ ଶୁକ୍ରବାର ଦେଶର ୯.୫ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଷ୍ଟମ କିସ୍ତି ସ୍ୱରୂପ ୨୦,୬୬୭ କୋଟି ଟଙ୍କା ପଠାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ଏହି ଅର୍ଥ ଛାଡ଼ିଛନ୍ତି। ଏହି ଅବସରରେ ମୋଦି କେତେଜଣ ହିତାଧିକାରୀଙ୍କ ସହ କଥା ହୋଇଥିଲେ। କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ମଧ୍ୟ ଉପସ୍ଥିତ ଥିଲେ। ଏଥର ପଶ୍ଚିମବଙ୍ଗ ଏହି ଯୋଜନାରେ ସାମିଲ ହୋଇଛି। ସେଠାର ୭ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପିଏମ୍-କିଷାନ ଯୋଜନାରେ ଉପକୃତ ହେବେ ବୋଲି ତୋମାର କହିଥିଲେ।

ପିଏମ୍-କିଷାନ ଯୋଜନାରେ ହିତାଧିକାରୀ ଚାଷୀ ପରିବାରକୁ ବାର୍ଷିକ ୬୦୦୦ ଟଙ୍କା ଆର୍ଥିକ ସହାୟତା ତିନୋଟି କିସ୍ତିରେ ଯୋଗାଇ ଦିଆଯାଉଛି। ଇତିମଧ୍ୟରେ କେନ୍ଦ୍ର ☞ପୃଷ୍ଠା-୨



ନରେନ୍ଦ୍ର ମୋଦି

## ନିଖୋଜ ନାବାଳିକା ଉଦ୍ଧାର

ବିରିଡି,(ଡି.ଏନ୍.ଏ.): ବିରିଡି ଥାନା ଅଞ୍ଚଳର ଜଣେ ନାବାଳିକା ଏପ୍ରିଲ ୨୭ରୁ ନିଖୋଜ ଥିଲେ । ଏ ନେଇ ପରିବାର ପକ୍ଷରୁ ବିରିଡି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ପକ୍ଷରୁ ମାମଲା (ନଂ. ୭୮/୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା । ଗୁରୁବାର ରାତିରେ ସମ୍ପୃକ୍ତା ନାବାଳିକାଙ୍କୁ ପୋଲିସ ସାଲେପୁର ଥାନା ଅଞ୍ଚଳରୁ ଉଦ୍ଧାର କରିଛି। ଏଥିସହ ବିରିଡ଼ି ଥାନା ଅଞ୍ଚଳର ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ନାବାଳିକାଙ୍କ ବୟାନକୁ ଆଧାର କରି ଅଭିଯୁକ୍ତଙ୍କୁ ଛାଡ଼ି ଦିଆଯାଇଛି। ନାବାଳିକା ତାଙ୍କ ବୟାନରେ କହିଛନ୍ତି, ଅଭିଯୁକ୍ତଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ। ସେ ନିଜ ଇଚ୍ଛାରେ ଯାଇଥିଲେ। ଏହାପରେ ପୋଲିସ ଉଭୟଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସଂକ୍ଷେପରେ

### ବାର୍ହା ଆକ୍ରମଣରେ ମହିଳା ଆହତ

**ମହାକାଳପଡ଼ା,୧୪।୫ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତର ରାମଚଣ୍ଡୀପଡ଼ାଠାରେ ଶୁକ୍ରବାର ଅପରାହ୍ନରେ ଏକ ଜଙ୍ଗଲୀ ବାର୍ହା ଆକ୍ରମଣରେ ଜଣେ ମହିଳା ଆହତ ହୋଇଛନ୍ତି। ରାମଚଣ୍ଡୀପଡ଼ାର ସ୍ନେହଲତା ମଣ୍ଡଳ (୫୫) ନିଜ ବାଡିକୁ ଯାଇଥିବା ବେଳେ ହଠାତ୍ ଏକ ବୁଦାମୂଳରୁ ବାର୍ହା ବାହାରି ଆକ୍ରମଣ କରିଥିଲା। ମହିଳାଙ୍କ ଜଙ୍ଘକୁ ବାର୍ହା ଚିରି ଦେଇଛି। ଗାଁ ଲୋକ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ବାର୍ହା ଚାଷ ଜମିରେ ପଶି ନିକଟ ଜଙ୍ଗଲକୁ ପଳାଇ ଯାଇଥିଲା। ଆହତ ମହିଳାଙ୍କୁ ରାମନଗର ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲେ ହେଁ ତାହା ବନ୍ଦ ଥିଲା। ଗାଁ ଲୋକ କ୍ୱାକ୍‌ଙ୍କ ପାଖରେ ପହଞ୍ଚି ତାହାଙ୍କର ଚିକିତ୍ସା କରାଇଥିଲେ।

### ଶପିଂମଲ୍, ଢାବା ଉପରେ ଚଢ଼ାଉ

**ନାଉଗାଁ, ୧୪।୫(ସ୍ୱ.ପ୍ର): କୋଭିଡ** ନିୟମ ମାନୁ ନ ଥିବା ନାଉଗାଁ ବ୍ଲକର ବିଭିନ୍ନ ବଜାର, ଶପିଂ ମଲ ଓ ଢାବା ଉପରେ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଇଛି। ଏହି ଅବସରରେ ନିୟୁ ବିଜୟା ଲକ୍ଷ୍ମୀ ଶପିଂ ମଲ୍ ଉପରେ ଚଢ଼ାଉ କରାଯାଇ ଦୁଇ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ବଜାରରେ ଥିବା ଢାବା ଉପରେ ଚଢ଼ାଉ କରାଯାଇ ୫୦୦ ଟଙ୍କା ଆଦାୟ କରାଯାଇଛି ବୋଲି ବିଡିଓ ରଶ୍ମିରେଖା ମଲିକ ପ୍ରକାଶ କରିଛନ୍ତି।

### ଠିକା ଶ୍ରମିକଙ୍କ କୋଭିଡ୍ ଟେଷ୍ଟ ପାଇଁ ନିଷ୍ପତ୍ତି

**ପାରାଦୀପ, ୧୪।୫(ସ୍ୱ.ପ୍ର.):** ପାରାଦୀପ ବନ୍ଦରରେ ଏବେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏପରିକି ୨ ବନ୍ଦର କର୍ମଚାରୀ ଓ ଜଣେ ଠିକାଶ୍ରମିକଙ୍କ କୋଭିଡ୍‌ରେ ମୃତ୍ୟୁ ଘଟିଛି ବୋଲି ୩ ଶ୍ରମିକ ସଂଗଠନ ପକ୍ଷରୁ କୁହାଯାଇଛି। ଏହି ସଂଗଠନଗୁଡ଼ିକ ଶ୍ରମିକ କର୍ମଚାରୀଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଦାବି କରିଥିଲେ। ଗୁରୁବାର ଏ ନେଇ ବନ୍ଦର ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବନ୍ଦର ହସ୍ପିଟାଲ୍ ସିଏମଓ ଡା. ପ୍ରହ୍ଲାଦ ପଣ୍ଡାଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି, ଶୁକ୍ରବାରରୁ ବନ୍ଦରରେ କାର୍ଯ୍ୟରତ ସମସ୍ତ ଠିକା ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ବନ୍ଦର ହସ୍ପିଟାଲରେ କୋଭିଡ ଟେଷ୍ଟ କରାଯିବ। ସଂକ୍ରମିତ ଚିହ୍ନଟ ହେଲେ ଚିକିତ୍ସା ଯୋଗାଇ ଦିଆଯିବ। ଜଣେ ବିଶେଷଜ୍ଞ ଡାକ୍ତର ଏହି ଦାୟିତ୍ୱରେ ରହିଛନ୍ତି। ଫୋନ ନମ୍ବର ଏବଂ ଇ-ମେଲ ଜରିଆରେ ଶ୍ରମିକମାନେ ନାମ ପଞ୍ଜୀକୃତ କରିପାରିବେ। ଏହି ବିଜ୍ଞପ୍ତି ପ୍ରକାଶ ପରେ ପୋର୍ଟ ୱାର୍କସ୍ ୟୁନିୟନ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ, ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ସମ୍ପାଦକ ସମୀର ବିଶ୍ୱାଳ, ପୋର୍ଟ ଡକ୍ ଆଣ୍ଡ ମଜଦୁର ୟୁନିୟନ ଉପସଭାପତି ଦିଲୀପ ବେହେରା ବନ୍ଦର ଅଧକ୍ଷ ଭିନିତ୍ କୁମାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଶିକ୍ଷା ଅଧିକାର ଆଇନ ପ୍ରହସନ

**ଯାଜପୁର ଅଫିସ,୧୪।୫**

ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ)ରେ ୨୫ ପ୍ରତିଶତ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଏବଂ ଅନଗ୍ରସର ପିଲାଙ୍କ ପାଇଁ ଘରୋଇ ସ୍କୁଲରେ ନାମ ଲେଖାଇବାକୁ ଅନ୍‌ଲାଇନ ପଞ୍ଜୀକରଣ ଚାଲିଛି। ଆର୍‌ଟିଇ ପାରଦର୍ଶୀ ପୋର୍ଟାଲରେ ଚଳିତ ମାସ ୩୧ ତାରିଖ ସୁଦ୍ଧା ଏହି ଆବେଦନ କରିବାକୁ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ରାଜ୍ୟ ସରକାରଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଯାଜପୁର ଜିଲାର ବହୁ ଘରୋଇ ସ୍କୁଲ ଏ ପର୍ଯ୍ୟନ୍ତ ଆର୍‌ଟିଇ ପୋର୍ଟାଲରେ ପଞ୍ଜୀକରଣ କରିନାହାନ୍ତି। ଫଳରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଆବେଦନ ପାଇଁ ଆର୍‌ଟିଇ ପାରଦର୍ଶୀ ପୋର୍ଟାଲ ଖୋଲିଲେ ତାଙ୍କ ଅଞ୍ଚଳର ୨ରୁ ୩ଟି ଘରୋଇ ସ୍କୁଲର ନାମ ଦେଖିବାକୁ ମିଳୁଛି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି।

ଅନ୍ୟପକ୍ଷେ ୨୦୧୯-୨୦ ବର୍ଷରେ ୟୁଡିଆଇଏସ୍‌ଇ(ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନଫର୍ମେଶନ ସିଷ୍ଟମ୍ ଫର ଏଜୁକେଶନ) ଅନୁସାରେ ଜିଲାର ୧୦୧ ଘରୋଇ ସ୍କୁଲରେ ୧୬୬୪ ଜଣ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଛାତ୍ରୀଛାତ୍ରଙ୍କ ନାମ ଲେଖାଯାଇଛି। ଗତ ବିଧାନସଭାର ଏକ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ମିଳିଛି। ଏହା କାଗଜ କଲମରେ ଦର୍ଶାଇ ଜିଲା ଶିକ୍ଷା ବିଭାଗର କେତେଜଣ କର୍ମଚାରୀ ଓ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ମିଳିତ ଭାବେ ସରକାରଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ସବିଶେଷ ତଥ୍ୟ ସହ କେଉଁସବୁ ଘରୋଇ ସ୍କୁଲ ସମ୍ପୃକ୍ତ ଅଛନ୍ତି ସେ ନେଇ ସୂଚନା ଅଧିକାର ଆଇନରେ ତଥ୍ୟ ମଗାଯାଇଥିଲେ ହେଁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶିକ୍ଷା ବିଭାଗ ସୂଚନା ଦେଇ ପାରି ନ ଥିବା ଅଭିଯୋଗ ହୋଇଛି।

ଶିକ୍ଷା ଅଧିକାର ଆଇନରେ ୨୫ ପ୍ରତିଶତ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଏବଂ ଅନଗ୍ରସର ପିଲାଙ୍କ ପାଇଁ ଘରୋଇ ସ୍କୁଲ ସିଟ୍ ସଂରକ୍ଷଣ ରଖିବା ବାଧ୍ୟତାମୂଳକ ବୋଲି ୧୨ ଏପ୍ରିଲ ୨୦୧୨ରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ । କିନ୍ତୁ ଯାଜପୁର ଜିଲାରେ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ପିଲାଙ୍କ କୌଣସି ବେସରକାରୀ ସ୍କୁଲରେ ନାମ ଲେଖାଇବାକୁ ସୁଯୋଗ ମିଳୁନାହିଁ। ଫଳରେ ଶିକ୍ଷା ଅଧିକାର ଆଇନ ଏହି ଜିଲାରେ ପ୍ରହସନ ପାଲଟିଛି ବୋଲି ମତପ୍ରକାଶ ପାଇଛି। କେବଳ ବ୍ୟବସାୟକୁ ମାଧ୍ୟମ କରୁଥିବାରୁ ବେସରକାରୀ ସ୍କୁଲ

**ଯାଜପୁର ଜିଲା**

- ସ୍କୁଲରେ ନାମ ଲେଖାକୁ ନେଇ ବିବାଦ
- ୧୬୬୪ ଗରିବ ପିଲାଙ୍କ ନାମରେ ଅର୍ଥ ହଡ଼ପ



ସରକାରୀ ସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ର।

କର୍ତ୍ତୃପକ୍ଷ ଶିକ୍ଷା ଅଧିକାର ଆଇନକୁ ଉଲ୍ଲଂଘନ କରିବାରେ ଲାଗିଛନ୍ତି । ଶିକ୍ଷା ବିଭାଗ ପାଖରେ ମଧ୍ୟ ଏନେଇ କୌଣସି ତଥ୍ୟ ନାହିଁ । ଫଳରେ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଥିବା ମେଧାବୀ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ମତ ପ୍ରକାଶ ପାଇଛି।

ଯାଜପୁର ଜିଲାର ୧୯୭୯ଟି ସରକାରୀ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨,୨୪,୯୧୪ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ସେଥିମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଆର୍ଥିକ କ୍ଷେତ୍ରରେ ଦୁର୍ବଳ । ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ଥିବା ପରିବାର ସେମାନଙ୍କ ପିଲାମାନଙ୍କୁ ବେସରକାରୀ ଇଂଲିଶ ମିଡିୟମ ସ୍କୁଲରେ ପାଠ ପଢାଉଛନ୍ତି । କିନ୍ତୁ ଗରିବ ପିଲାମାନେ ଏହି ସୁବିଧାରୁ ବଞ୍ଚିତ ରହୁଛନ୍ତି । ତେଣୁ ୬ରୁ ୧୪ ବର୍ଷ ବୟସ ମଧ୍ୟରେ ୨୫ ପ୍ରତିଶତ ଗରିବ ପିଲାଙ୍କ ପାଇଁ ବେସରକାରୀ ସ୍କୁଲରେ ସିଟ୍ ସଂରକ୍ଷଣ ବାଧ୍ୟତାମୂଳକ କରିବାକୁ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି । ଏହି ୨୫ ପ୍ରତିଶତ ପିଲାଙ୍କ ମଧ୍ୟରୁ ୧୫ ପ୍ରତିଶତ ଆଦିବାସୀ, ହରିଜନ, ଶିଶୁ ଶ୍ରମିକ, ଷ୍ଟ୍ରିଟ ଚାଇଲ୍ଡ, ଘର ନ ଥିବା ପିଲାଙ୍କ ପାଇଁ ଉଦ୍ଦିଷ୍ଟ ରଖାଯାଇଛି । ତେବେ ଯାଜପୁର ଜିଲା କୋରେଇ ବ୍ଲକର ଏକ ପ୍ରତିଷ୍ଠିତ ଘରୋଇ ସ୍କୁଲର ମୁଖ୍ୟ ତାଙ୍କ ସ୍କୁଲରେ ପୂର୍ବରୁ ଏଭଳି ପିଲାଙ୍କ କେବେ ନାମ ଲେଖାଯାଇ ନାହିଁ ବୋଲି ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଯାଜପୁର ଜିଲାରେ ପ୍ରଥମ କରି ଆର୍‌ଟିଇ ପାରଦର୍ଶୀ ପୋର୍ଟାଲ ଜରିଆରେ ଆବେଦନ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଏଭଳି ସ୍ଥିତିରେ ୨୦୧୯-୨୦ ୟୁଡିଆଇଏସ୍‌ଇ ରିପୋର୍ଟରେ କେଉଁ ୧୦୧ ସ୍କୁଲକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କେତେଜଣ ପିଲାଙ୍କ ନାମ ଦର୍ଶାଇ ପ୍ରତି ପିଲାଙ୍କ ନାମରେ ବାର୍ଷିକ ଆସୁଥିବା ପ୍ରାୟ ୧୦ ହଜାର ଟଙ୍କା ହଡପ କରାଯାଇଥିବା ସନ୍ଦେହ ଘନୀଭୂତ ହୋଇଛି। ଏହି କାରଣରୁ ଚଳିତ ବର୍ଷ ଆର୍‌ଟିଇ ପୋର୍ଟାଲରେ ନିଜ ସ୍କୁଲ ନାମ ପଞ୍ଜୀକରଣ କରିବାକୁ ଜିଲାର ଅଧିକାଂଶ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଜାଣିଶୁଣି ପଛଘୁଞ୍ଚା ଦେଇଛନ୍ତି। ଏଥିପାଇଁ ଘରୋଇ ସ୍କୁଲଗୁଡିକ ଅନ୍‌ଲାଇନ ଆର୍‌ଟିଇ ପୋର୍ଟାଲ ମାଧ୍ୟମରେ ଚଳିତ ମାସ ୩୧ ତାରିଖ ମଧ୍ୟରେ ପଞ୍ଜୀକରଣ କରି ପାରିବେ। ଯେଉଁ ଘରୋଇ ସ୍କୁଲଗୁଡିକ ଏହି ସମୟ ମଧ୍ୟରେ ପଞ୍ଜୀକରଣ କରି ନ ଥିବେ ସେହି ସ୍କୁଲଗୁଡ଼ିକର ଅନୁମୋଦନ ରଦ୍ଦ କରିବା ପାଇଁ ଶିକ୍ଷା ବିଭାଗ ଜିଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଚଳିତ ବର୍ଷ ଗରିବ ପିଲାଙ୍କୁ ଘରୋଇ ସ୍କୁଲରେ ନାମ ଲେଖାଇବାକୁ ଅନ୍‌ଲାଇନ ଆବେଦନ ଚାଲିଛି। ଯେଉଁ ସ୍କୁଲଗୁଡ଼ିକ ପଞ୍ଜୀକରଣ କରିନାହାନ୍ତି ସେମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଗତ ବର୍ଷରେ ଏଭଳି ନାମ ଲେଖା ହୋଇଛି ନା ନାହିଁ ସେ ସମ୍ପର୍କରେ ତଦନ୍ତ ଚାଲିଛି।

# ଦେଶୀ ବିହନ ଚାଷୀଙ୍କ ଭରସା

**ମହାକାଳପଡ଼ା,୧୪।୫(ଡି.ଏନ୍.ଏ.)**


ଚାଷୀ ବିହନ ବୁଣିବା ପାଇଁ ହାତମଇ ଟାଣି ମାଟି ସମାନ କରୁଛନ୍ତି।

**ଆଜି ଅକ୍ଷୟତୃତୀୟା**

- ବିଲୁପ୍ତ ହେଲାଣି ବଳଦ, ହଳ ନଙ୍ଗଳ
- ଚାଷୀଙ୍କ ସମ୍ବଳ ଅଭାବ
- କୃଷି ସଚେତନତା, ତାଲିମ ଅଭାବ

ଆଗକୁ ମୌସୁମୀ ଆସିବ। ଶନିବାର ଅକ୍ଷୟତୃତୀୟାରେ ଗାଁର ଚାଷୀ ଜମିରେ ପ୍ରଥମେ ହଳ ଅନୁକୂଳ କରିବା ପରେ ନିଜ ସାଇତା ବିହନକୁ ବୁଣିବେ। ତେବେ ପୂର୍ବରୁ ଗାଁର ଚାଷୀମାନେ ବଳଦ ପାଳିବା ସହ ହଳ ନଙ୍ଗଳ, ମଇ, ଯୁଆଳି ଆଦି ରଖି ଚାଷ କାର୍ଯ୍ୟରେ ଲଗାଉଥିଲେ। କାଳକ୍ରମେ ଆଧୁନିକ ଯନ୍ତ୍ରପାତି ବହୁଳ ବ୍ୟବହାର ଯୋଗୁ ପୁରାତନ ହଳ ନଙ୍ଗଳ ଲୋପ ପାଇବାକୁ ବସିଲାଣି। ଏବେ ଗାଁର ଚାଷୀମାନେ ହଳ ପାଇଁ ଯନ୍ତ୍ରଚାଳିତ ଟ୍ରାକ୍ଟର, ପାୱାରଟିଲର ଓ ଅନ୍ୟ ଯନ୍ତ୍ରପାତିରେ ଚାଷ କାମ କରୁଛନ୍ତି। ସରକାରଙ୍କ ପ୍ରୋତ୍ସାହନ ଅଭାବ ଯୋଗୁ ଚାଷୀମାନେ ନିଜ ଘରେ ସାଇତା ବିହନକୁ ଧାନ ତଳି ପକାଇ ଚାଷ କରୁଛନ୍ତି। ରାଜ୍ୟ କୃଷି ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ ଚାଷୀମାନଙ୍କ ପାଇଁ ଉନ୍ନତ କିସମର ବିହନ, ସାର, ଔଷଧ, ଯନ୍ତ୍ରପାତି ଆଦି ଯୋଗାଇବା ବ୍ୟବସ୍ଥା ରହିଛି। ହେଲେ ଏସବୁ ଚାଷୀମାନଙ୍କ ପାଖରେ ପହଞ୍ଚି ପାରୁନାହିଁ। ଦାୟିତ୍ୱରେ ଥିବା କୃଷି ଅଧିକାରୀମାନେ ଚାଷୀଙ୍କୁ ତାଲିମ, ସଚେତନ, ପ୍ରୋତ୍ସାହନ ଆଦି ପ୍ରଦାନରେ ଆନ୍ତରିକତା ନ ଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ମହାକାଳପଡ଼ା ବ୍ଲକରେ ୨୮ ହଜାରରୁ ଅଧିକ ହେକ୍ଟର ଚାଷ ଜମି ରହିଛି। ସେଥିମଧ୍ୟରେ ୭ ହଜାର ହେକ୍ଟରରୁ ଅଧିକ ଜଳସେଚନ ଜମି ଅଛି। ବ୍ଲକରେ ନଳିତା, ଆଖୁ, ବାଦାମ, ଆଳୁ, ଲଙ୍କା, ପନିପରିବା, ମୁଗ, ବିରି, ଚଣା, କୋଳଥ, ଖସା, ସୂର୍ଯ୍ୟମୁଖୀ ଆଦି ଚାଷ ହେଉଛି। ହେଲେ ସରକାରଙ୍କ ଯୋଜନା ଅନେକ ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଚାଷୀମାନେ ସମ୍ବଳ ଅଭାବ ଯୋଗୁ ଉନ୍ନତ କିସମ ଚାଷରୁ ବଞ୍ଚିତ ହେଉଥିବା ବହୁ ଚାଷୀ କହିଛନ୍ତି। ଅନେକ ସମୟରେ ଚାଷୀ ନିଜର ଉପାର୍ଜିତ ଫସଲକୁ ଅଭାବୀ ବିକ୍ରି କରୁଛନ୍ତି। ବ୍ଲକ ଅଧୀନ ଦଶମୌଜି ଅଞ୍ଚଳର ବଡ଼କୁଳ, ଦହିମାଛ, କରଞ୍ଜି, ଗୋବର୍ଦ୍ଧନପୁର, ଘନଶ୍ୟାମପୁର, ବେନୁପାଳ, କରମକୁଳ, ଗୋଖାପଡ଼ା, ଆଶ୍ରମ ବାଲିକୁଦା, ଆୟତପୁର, ତିଖିରି, ଅମେଇପାଳ, ଧନିଆପଡ଼ା, ନୂଆଗାଁ, ସିରିଙ୍ଗପୁର, ରାଇପୁର, ଖୁରୁସିଆ, ପାଟୁଳିପଙ୍କ ଆଦି ଗାଁରେ ଅଧିକ ପରିମାଣର ରବି ଫସଲ ଉତ୍ପାଦନ ହେଉଛି। ଅଧିକାଂଶ ଚାଷୀ ଉତ୍ପାଦିତ ଫସଲକୁ ସ୍ଥାନୀୟ ବେପାରୀଙ୍କୁ କମ୍ ମୂଲ୍ୟରେ ବିକ୍ରି କରୁଛନ୍ତି।

## କରୋନା ଭୟ, ମୃତଦେହ ଛୁଇଁଲେନି ପଡ଼ୋଶୀ

**ଚଣ୍ଡିଖୋଲ,୧୪।୫(ଡି.ଏନ.ଏ.)**

କରୋନା ପ୍ରତି ଭୟ ସୃଷ୍ଟି ହୋଇଛି। ଯଦି କୌଣସି ବ୍ୟକ୍ତିଙ୍କ ସ୍ୱାଭାବିକ ମୃତ୍ୟୁ ହେଉଛି ଲୋକେ କରୋନା ଭୟରେ ତାଙ୍କ ମୃତଦେହ ଛୁଉଁନାହାନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବଡ଼ଚଣା ବ୍ଲକ ଖୋସାଲପୁର ଗ୍ରାମରେ। ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ପରେ ପଡ଼ୋଶୀ କରୋନା ସନ୍ଦେହରେ ମୃତଦେହକୁ କାନ୍ଧ ଦେଇନାହାନ୍ତି। ପରିବାର ଲୋକେ ଟ୍ରଲିରେ ମୃତଦେହ ନେଇ ସତ୍କାର କରିଛନ୍ତି। ଗ୍ରାମର ୱାର୍ଡସଭ୍ୟା ରୀନା ମଳିକ ଓ ତାଙ୍କ ସ୍ୱାମୀ କରୋନା ଆକ୍ରାନ୍ତ ଥିବା ଜଣାପଡିବା ପରେ ଗୃହ ସଙ୍ଗରୋଧରେ ଥିଲେ। କିଛି ଦିନ ପରେ ସେମାନେ ସୁସ୍ଥ ହୋଇଥିଲେ। ରୀନାଙ୍କ ଶ୍ୱଶୁର ମୂଷା ମଳିକ(୮୭) ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ରୀନା ସୁସ୍ଥ ହେବା ପରେ ତାଙ୍କର ଦେଖାଶୁଣା କରୁଥିଲେ। ୧୩ ତାରିଖ ରାତିରେ ମୂଷାଙ୍କ ମୃତ୍ୟୁ ହୋଇଥିଲା। ଶୁକ୍ରବାର ଶବ ସତ୍କାର ପାଇଁ ପଡ଼ୋଶୀଙ୍କୁ ଡକାଯାଇଥିଲା। ରୀନା ଓ ତାଙ୍କର ସ୍ୱାମୀ କରୋନା ଆକ୍ରାନ୍ତ ହୋଇଥିଲେ ସେଥିପାଇଁ ଭୟରେ କେହି ପଡ଼ୋଶୀ ଆସି ନ ଥିଲେ। ଚଣ୍ଡିଖୋଲ ଅସ୍ଥାୟୀ ବ୍ୟବସାୟୀ ସଂଘ ସମ୍ପାଦକ ସଞ୍ଜୟ ସ୍ୱାଇଁ ପହଞ୍ଚି ପୋଲିସ କର୍ମଚାରୀ ଜୟୀରାମ ମଳିକଙ୍କ ସହାୟତାରେ ଶବ ସତ୍କାର ବ୍ୟବସ୍ଥା କରିଥିଲେ।

# ମନ୍ତ୍ରୀ, ଜିଲାପାଳଙ୍କ ଅନୁଧ୍ୟାନ

**ମରିଚିପୁର ବନ୍ଦରକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି ଘଟଣା**


ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ମରିଚିପୁର ବନ୍ଦର ଅନୁଧ୍ୟାନ କରୁଛନ୍ତି।

**ବାଲିକୁଦା,୧୪।୫(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ମରିଚିପୁର ପଞ୍ଚାୟତସ୍ଥିତ ବନ୍ଦର ଗ୍ରାମ ପ୍ରାକୃତିକ ଶୋଭାରେ ଭରିରହିଛି। ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। ଏନେଇ ଶୁକ୍ରବାର ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉକ୍ତ ଅଞ୍ଚଳ ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି। ତାଙ୍କର ଏହି ଗସ୍ତ ସମୟରେ ବାଲିକୁଦା ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ ଓ ବିଡିଓ ଡ. କଲ୍ୟାଣ ସୌରଭ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବନ୍ଦର ଗାଁ ଦେଇ ବଙ୍ଗୋପସାଗର ଓ ଦେବି ନଦୀ ପ୍ରଭାବିତ ହୋଇଛି। ଏଥିସହ କେରୁଆଁ, କେରକେରା, ବହ୍ନୀରେ ହେନ୍ତାଳ ଜଙ୍ଗଲ ଆଦି ଦେଖିବାକୁ ମିଳେ। ଖରାଦିନେ ଅନେକ ପର୍ଯ୍ୟଟକ ଏଠାକୁ ପିକ୍‌ନିକ ପାଇଁ ଆସିଥାନ୍ତି। ଉକ୍ତ ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ପୂର୍ବରୁ ବହୁବାର ବିଭିନ୍ନ ନେତା ଓ ମନ୍ତ୍ରୀଙ୍କ ନିକଟରେ ଦାବି ହୋଇଥିଲା। ଗତ ଫେବୃୟାରୀରେ ଏନେଇ ବାଇକ୍ ଶୋଭାଯାତ୍ରା କରାଯାଇ ଜିଲାପାଳଙ୍କୁ ଲିଖିତ ଦାବିପତ୍ର ଦିଆଯାଇଥିଲା।

# ଠିକାଦାରଙ୍କ ଜରିଆରେ କେସିକା ମେଟାଲିକ୍ସର ଭିତ୍ତିପ୍ରସ୍ତର ସ୍ଥାପନ

**ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.), ୧୪।୫**

**ବିସ୍ଥାପନ ଓ ଥଇଥାନ ଦାବି କଲେ ଗ୍ରାମବାସୀ**

ପ୍ରଭାବିତ ଲୋକଙ୍କ ଭୟରେ ଶୁକ୍ରବାର କେସିକା ମେଟାଲିକ୍ସ ଲିମିଟେଡ୍ ପକ୍ଷରୁ କେତେଜଣ ଠିକାଦାର ଓ ରାଜନୈତିକ ବ୍ୟକ୍ତି ଲୁଚାଛପା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ କିମ୍ବା କମ୍ପାନୀ କର୍ତ୍ତୃପକ୍ଷ କେହି ଉପସ୍ଥିତ ନ ଥିଲେ। ଅନ୍ୟପକ୍ଷେ ପ୍ରଭାବିତ କୁଡୁମୀସାହି, ଅରାସାହି, ଟାଙ୍ଗରସାହି, କଟେରି ଗ୍ରାମର ଲୋକେ ଆଗ ବିସ୍ଥାପନ ଓ ଥଇଥାନ କରିବା ପରେ କାରଖାନା ନିର୍ମାଣ କରିବାକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତ ଫେବୃୟାରୀରେ ଏହି କାରଖାନା ନିର୍ମାଣ ପାଇଁ ଜମି ଚିହ୍ନଟ ସମୟରେ ପ୍ରଭାବିତ ଗ୍ରାମବାସୀଙ୍କ ବିରୋଧ ଯୋଗୁ କମ୍ପାନୀ କର୍ତ୍ତୃପକ୍ଷ ହଟହଟା ହୋଇଥିଲେ। ତେବେ ଆଇନ ଶୃଙ୍ଖଳା ପରିସ୍ଥିତି ଆଶଙ୍କା କରି ଯଖପୁରା ଥାନା ପୋଲିସ ଉପସ୍ଥିତ ରହି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲା। ହେଲେ ପ୍ରଶାସନର ପ୍ରତିଶ୍ରୁତି ମୁତାବକ ଆଗ ବିସ୍ଥାପନ ଓ ଥଇଥାନ ନ କଲେ କୌଣସିମତେ କାରଖାନା ନିର୍ମାଣ କରାଇ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ।

ସୂଚନାଯୋଗ୍ୟ ଯେ, କେସିକା ମେଟାଲିକ୍ସ ଲିମିଟେଡ କାରଖାନା ନିର୍ମାଣ ପାଇଁ ଇଡ୍‌କୋ ଜରିଆରେ ୯୦ ଏକର ଜମି କଳିଙ୍ଗନଗରଠାରେ ଯୋଗାଇ ଦିଆଯାଇଛି। ଭାରତରେ ଏହି କମ୍ପାନୀର ବର୍ତ୍ତମାନ ୭ଟି କାରଖାନା ରହିଛି। ଓଡ଼ିଶାରେ କମ୍ପାନୀ ବିଭିନ୍ନ ପର୍ଯ୍ୟାୟରେ ୫୦୪ କୋଟି ଟଙ୍କା ବିନିଯୋଗ କରିବାକୁ ଯୋଜନା ରଖିଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାୟ ୨୦୦୦ ଯୁବତୀଯୁବକ ପରୋକ୍ଷ/ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ପାଇବେ ବୋଲି କମ୍ପାନୀ ପକ୍ଷରୁ ଯୋଜନା ରହିଛି। ଗତ ୨୫ବର୍ଷ ମଧ୍ୟରେ ଯାଜପୁର ଜିଲାରେ ବଡ଼ ବଡ଼ ଶିଳ୍ପ କାରଖାନା ପ୍ରତିଷ୍ଠା ଯୋଗୁ ଶତାଧିକ ପରିବାର ବିସ୍ଥାପିତ ହୋଇଛନ୍ତି। ହେଲେ ଏହାର ଲାଭ ସ୍ଥାନୀୟ ଲୋକଙ୍କୁ ମିଳିପାରିନାହିଁ। ସମସ୍ତ କଳକାରଖାନା ଖୁବ୍ କମ୍ ସଂଖ୍ୟକ ଲୋକଙ୍କୁ ନିୟମିତ ନିଯୁକ୍ତି ଦେଇ ରାଜ୍ୟ ବାହାର ଲୋକଙ୍କୁ ଗୁରୁତ୍ୱ ଦେଇଆସୁଛନ୍ତି। ବରଂ ସ୍ଥାନୀୟ ଲୋକେ ଜଳ ଓ ବାୟୁ ପ୍ରଦୂଷଣ ଜନିତ ବିଷ ଯନ୍ତ୍ରଣା ଭୋଗୁଛନ୍ତି। ଏହି କାରଣରୁ ଆମେ ବିରୋଧ କରୁଛୁ ବୋଲି ଉପରୋକ୍ତ ପ୍ରଭାବିତ ଗ୍ରାମର ଲୋକେ କହିଛନ୍ତି।

# ୮ ଘଣ୍ଟା ପରେ ୩୫ ଶିଶୁ, ମହିଳା ଉଦ୍ଧାର

**କେନ୍ଦ୍ରାପଡ଼ା ଅଫିସ, ୧୪।୫**

**ସିସିଆଇରେ ମହିଳାଙ୍କ ଶିଶୁ ବିକ୍ରି ମାମଲା**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ମହାକାଳପଡା ବ୍ଲକ ଅଞ୍ଚଳର ବହୁ ଚର୍ଚ୍ଚିତ ସିସିଆଇକୁ ନେଇ ଜିଲା ପ୍ରଶାସନ ଶୁକ୍ରବାର କଡା ଆଭିମୁଖ୍ୟ ଗ୍ରହଣ କରିଛି। ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା କମିଟି, ଜିଲା ଶିଶୁ ସୁରକ୍ଷା ବିଭାଗର କର୍ମକର୍ତ୍ତା ଅସୁରକ୍ଷିତ ଭାବେ ଜୀବନ ବିତାଉଥିବା ୩୧ ଶିଶୁ ଓ ମହିଳାଙ୍କୁ କୋରୁଆସ୍ଥିତ ପଲ୍ଲିଶ୍ରୀ ମହିଳା ସମିତିକୁ ସ୍ଥାନାନ୍ତର କରିଛି। ସେହିପରି ୨ ଶିଶୁ ଓ ୨ ମହିଳାଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ସ୍ଥାନାନ୍ତର ପ୍ରକ୍ରିୟା ଦୀର୍ଘ ୮ ଘଣ୍ଟା ପରେ ମଧ୍ୟ ସମାପ୍ତ ହୋଇନାହିଁ। ବିଭାଗୀୟ କର୍ମକର୍ତ୍ତା, ସ୍ଥାନୀୟ ପୋଲିସ ଏହି ସିସିଆଇ ଅଧୀନରେ ଥିବା କେନ୍ଦ୍ରାପଡ଼ା ସହରର ଗରାପୁରସ୍ଥ ଏସ୍ଏସ୍ଏରୁ ୧୦ ଶିଶୁଙ୍କୁ ଶନିବାର ଉଦ୍ଧାର କରାଯିବ ବୋଲି ମହାକାଳପଡ଼ା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି। ଏହି ସିସିଆଇରେ ଅନୈତିକ କାର୍ଯ୍ୟ ଓ ଶିଶୁବିକ୍ରି ହୋଇଥିବା ଅଭିଯୋଗ ହାଉସ୍ ମଦର ଦେଢ଼ମାସ ପୂର୍ବେ ଥାନାକୁ ଜଣାଇବା ସହ ଶିଶୁ ସୁରକ୍ଷା ଆୟୋଗ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଏପ୍ରିଲ ୫ରେ ତଦନ୍ତ କରିଥିଲେ। ଏହି ସିସିଆଇରେ ଶିଶୁ ଓ ମହିଳା ଅସୁରକ୍ଷିତ ବୋଲି ପ୍ରଧାନ ଦର୍ଶାଇବା ସହ ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ଏ ସମ୍ପର୍କରେ ବିଶ୍ଳେଷଣ ପରେ ଜିଲାପାଳ ଋତୁରାଜ ଶିଶୁ ଓ ମହିଳାଙ୍କୁ ସିସିଆଇରୁ ସ୍ଥାନାନ୍ତର ପାଇଁ ଶିଶୁ ସୁରକ୍ଷା କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ସକାଳ ୧୦ଟାରେ ସିସିଆଇରେ ଜିଲା ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଥିଲେ ମଧ୍ୟ କର୍ମକର୍ତ୍ତାଙ୍କ ପ୍ରବଳ ବିରୋଧ ହୋଇଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ଏହି ସିସିଆଇରେ ଥିବା ମହିଳା ଓ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ତହସିଲଦାର ପଣ୍ଡାଙ୍କ ସୂଚନା ଅନୁଯାୟୀ, ଅଦ୍ୟାବଧି ସିସିଆଇର କାଗଜପତ୍ର ଜବତ ହୋଇନାହିଁ। ଅପରପକ୍ଷରେ ଏହି ସିସିଆଇକୁ ଜିଲା ପ୍ରଶାସନ ନିଜ ଅଧୀନକୁ ନେଇ କାହିଁକି ଚଳାଇଲା ନାହିଁ ବୋଲି ବହୁ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ସୂଚନାଯୋଗ୍ୟ, ସିସିଆଇର କର୍ମକର୍ତ୍ତା ମହିଳା କର୍ମଚାରୀଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ପରେ ୩ରୁ ୨ଟି ଶିଶୁଙ୍କୁ ବାହାରେ ବିକ୍ରି କରିଥିବା ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି। ସେହିପରି ଅନ୍ୟ ଜଣେ ନାବାଳିକାଙ୍କ ଶିଶୁକନ୍ୟା ବିକ୍ରି ହୋଇଥିବା ଅଭିଯୋଗ ରହିଛି। ଉଦ୍ଧାର କାର୍ଯ୍ୟରେ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟା ସ୍ମିତାଞ୍ଜଳି ମହାପାତ୍ର, ଶିଶୁ ସୁରକ୍ଷା ବିଭାଗର କନକଲତା ବେହେରା, ଥାନାଧିକାରୀ କାଳନ୍ଦୀ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ଇଦ୍‌ରେ ନମାଜ ପାଠ


ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ଚାରିନଙ୍ଗଳ ଇଦ୍‌ଗା ମଇଦାନଠାରେ ନମାଜ ପାଠ କରାଯାଉଛି।


ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁର ମସ୍‌ଜିଦ୍‌ରେ ନମାଜ ପାଠ କରାଯାଉଛି।


ଡେରାବିଶ୍ ବ୍ଲକ ଗୋଲରା ହାଟ ମସ୍‌ଜିଦ୍‌ରେ ନମାଜ ପାଠ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ମେ, ୨୦୨୧



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ୨ ଆହତ

**ଦଶପଲ୍ଲା,୧୪ା୫ ( ଡି.ଏନ.ଏ.):** ଦଶପଲ୍ଲା ଥାନା କୁଜାମେଣ୍ଡି ପଞ୍ଚାୟତ ସରୁପଡା ଗାଁର ଶିକ୍ଷକ ବିପ୍ର ଚରଣ ଜାନୀ, ବାଣିଗୋଛା ଥାନାର ଗ୍ରାମରକ୍ଷୀ ପଦ୍ମ ଚରଣ ନାୟକ ଉଭୟଙ୍କ ବାଇକ୍ କାମେଟିପଙ୍ଗା ନିକଟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଦଶପଲ୍ଲା ଓ ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉଭୟଙ୍କ ଅବସ୍ଥା ଗୁରୁତର ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ପୋଲିସ ବାଇକ୍ ୨ଟିକୁ ନିଜ ହେପାଜତକୁ ନେଇ ତଦନ୍ତ ଜାରି ରଖିଛି।

**ନରସିଂହପୁରରୁ ଭଡ଼ା ଆଣିଲେ**

### ନୟାଗଡ଼ରୁ ଲୁଟ୍ କଲେ କାର୍

**ନୟାଗଡ଼ ଅଫିସ,୧୪ା୫:** କଟକ ଜିଲା ନରସିଂହପୁରରୁ ଭଡାରେ ଆସିଥିବା ଏକ କାର ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଖାଲମଡ଼ା ଗାଁରୁ ଲୁଟ୍ ହୋଇଛି। ଭଡାକୁ ଆଣିଥିବା ବ୍ୟକ୍ତି ନୟାଗଡ଼ ଜିଲାର ଜଣେ ଲୋକଙ୍କ ସହାୟତାରେ (ନଂ. ଓଡି ୦୨ ଏଏ ୮୭୧୧) କାରକୁ ଶୁକ୍ରବାର ଅପରାହ୍ନରେ ଲୁଟ୍ କରିଛନ୍ତି। ଏ ନେଇ ନରସିଂହପ୍ରସାଦ ଗାଁର ଡ୍ରାଇଭର ଫଣି ପ୍ରସାଦ ପ୍ରଧାନଙ୍କ ଅଭିଯୋଗକ୍ରମେ ନୂଆଗାଁ ଥାନାରେ ନଂ. ୫୯/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ନରସିଂହପୁରରୁ କାରକୁ ଜଣେ ବ୍ୟକ୍ତି ଖାଲମଡ଼ାକୁ ଭଡାରେ ଆଣିଥିଲେ। ଖାଲମଡ଼ାରେ ଅନ୍ୟ ଜଣେ ବ୍ୟକ୍ତି କାରରେ ଚଢ଼ିବା ପରେ ଉଭୟେ ମିଳିତ ଭାବେ ଡ୍ରାଇଭରକୁ ମାରପିଟ୍ କରିଥିଲେ। ପରେ କାର ନେଇ ପଳାଇ ଯାଇଥିଲେ।

### କୃଷ୍ଣସାର ମୃଗ ଉଦ୍ଧାର

ଭଞ୍ଜନଗର,୧୪ା୫(ଡି.ଏନ.ଏ)-ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ମୁଜାଗଡ଼ରେ ଶୁକ୍ରବାର ଏକ କୃଷ୍ଣସାର ମୃଗଙ୍କୁ କୁକୁର ଗୋଡାଇ ଥିଲେ। ଫଳରେ ମୃଗଟି ଜଣଙ୍କ ଘରେ ପଶି ଯାଇଥିଲା। ଗ୍ରାମବାସୀ ତାକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ମୃଗକୁ ପ୍ରାଥମିକ ଚିକିତ୍ସା କରି ଗାଲେରି ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଛନ୍ତି ।

### ଦୁଇ ଦିନ ଟିକାକରଣ ବନ୍ଦ

**ବ୍ରହ୍ମପୁର ଅଫିସ୍,୧୪ା୫:** ସପ୍ତାହାନ୍ତ ଶଟ୍‌ଡ଼ାଉନ୍ ଯୋଗୁ ଶନିବାର ଓ ରବିବାର ଦୁଇ ଦିନ ଟିକାକରଣ ବନ୍ଦ ରହିବା ନେଇ ଶୁକ୍ରବାର ବିଏମ୍‌ସି ପକ୍ଷରୁ ସୂଚନା ଦିଆ ଯାଇଛି। ଆସନ୍ତା ୧୬ ତାରିଖ ଅର୍ଥାତ୍ ରବିବାର ସନ୍ଧ୍ୟା ୬ ଟାଠାରୁ ୧୮ରୁ ୪୪ ବର୍ଷ ବର୍ଗଙ୍କ ନିମନ୍ତେ ସ୍ଲଟ୍ ବୁକିଂ କରିପାରିବେ। ସୋମବାରଠାରୁ ଟିକାକରଣ ଜାରି ରହିବ ବୋଲି ବିଏମ୍‌ସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପଟେ ବିଏମ୍‌ସି ପକ୍ଷରୁ ଶୁକ୍ରବାର କୋଭିଡ୍ ପରୀକ୍ଷା ଭ୍ରାମ୍ୟମାଣ ଗାଡ଼ିକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଛନ୍ତି। ଏଥିନିମନ୍ତେ ବିଏମ୍‌ସି ପକ୍ଷରୁ ୯୪୩୮୪୯୭୧୧ ମୋବାଇଲ୍ ନମ୍ବର ଜାରି କରାଯାଇଛି। ସହରରେ ଯେଉଁ ବୟସ୍କ ବ୍ୟକ୍ତିମାନେ ରହିଛନ୍ତି କୋଭିଡ୍ ପରୀକ୍ଷା କେନ୍ଦ୍ରକୁ ଯାଇପାରୁ ନାହାନ୍ତି। ସେହିମାନେ ଉପରୋକ୍ତ ନମ୍ବରରେ ଯୋଗାଯୋଗ କରିବା ପରେ ଭ୍ରାମ୍ୟମାଣ ଗାଡ଼ି ଓ ଏକ ଟିମ୍ ପହଞ୍ଚି କୋଭିଡ୍ ପରୀକ୍ଷା କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏଥିପାଇଁ ପୂର୍ବାହ୍ନ ୮ରୁ ୧୦ ଯାଏ ଯୋଗାଯୋଗ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିବା ଜିଲାପାଳ କହିଛନ୍ତି।

# ମଦ କାରଖାନା ଯନ୍ତ୍ରାଂଶ ଜବତ

ନୟାଗଡ ଅଫିସ/ରଣପୁର,୧୪ା୫ (ସ୍ୱ.ପ୍ର.)

କଟକର ଅବକାରୀ ସ୍ୱତନ୍ତ୍ର ସ୍କ୍ୱାଡ୍ ନୟାଗଡ଼ ଜିଲା ରଣପୁର ଥାନା ନରସିଂହପ୍ରସାଦ ପଞ୍ଚାୟତ ନିହଲପ୍ରସାଦ ଗାଁରୁ ଶୁକ୍ରବାର ଦେଶୀ ମଦରୁ ବିଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ନକଲି ମଦ କାରଖାନାର ଉପକରଣ ଜବତ କରିଛି। ଏହି ଘଟଣାରେ ନିହଲପ୍ରସାଦ ଅଙ୍ଗନୱାଡି ସହାୟିକା ସୁଷମା ଜେନା(୩୨)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ସ୍କ୍ୱାଡ୍ ମଦ ସିଲିଂ ମେଶିନ, ୨୦୦ ଲିଟର ସ୍ପିରିଟ୍, ୧୦୦୦ ଠିପି, ମଦ ବୋତଲ ଉପରେ ଷ୍ଟିକରିଂ ପାଇଁ ଅଠା ଲେବୁଲ ୫୦୦୦, ଖାଲି ବୋତଲ ୩୦୦, କାରାମେଲ ୧୦ ଲିଟର, ନକଲି ବିଦେଶୀ ମଦ ୧୦ ଲିଟର ଜବତ ହୋଇଛି। ଏ ନେଇ ୨ ଏସିସି ନଂ. ୯/୨୧ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷେ ନରସିଂହପ୍ରସାଦର ଚୈତନ୍ୟ ସାହୁ(୪୮)ଙ୍କୁ ଗିରଫ କରାଯାଇ ତାଙ୍କ ଘରୁ ବିଦେଶୀ ମଦ ୧୦. ୮୦୦ ଲିଟର ଜବତ କରାଯାଇଛି। ୨ ଏସିସି ନଂ.୮/୨୧ରେ ମାମଲା ରୁଜୁ ହୋଇଛି। ସେହିପରି ମଧୁପୁରର ପ୍ରସନ୍ନ ରାଉତରାୟ(୫୨)ଙ୍କୁ ଗିରଫ କରାଯାଇ ତାଙ୍କଠାରୁ ୫୨ ଲିଟର ବିୟର ଜବତ କରାଯାଇଛି। ଗିରଫ ହୋଇଥିବା ୩ ଜଣଙ୍କୁ ରଣପୁର କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

**ଅଙ୍ଗନୱାଡି ସହାୟିକା ଗଲେ ଜେଲ**



ଗିରଫ ଅଙ୍ଗନୱାଡି ସହାୟକ ସହ ଅନ୍ୟ ଦୁଇଜଣ, ଜବତ ଉପକରଣ ସହ ମଦ।

### ଧୂପକାଠି ପ୍ରସ୍ତୁତ କରି ଫସିଲେ

ନିହଲପ୍ରସାଦ ଗାଁର ଗିରଫ ଅଙ୍ଗନୱାଡି ସହାୟିକା ମଦ ନୁହେଁ, ଧୂପକାଠି ପ୍ରସ୍ତୁତ କରି ଫସିଗଲେ। ନିର୍ଦ୍ଦୋଷ ଲୋକଙ୍କୁ ଫସାଇବା ଠିକ୍ ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ହେଲେ ଅବକାରୀ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ସତ କହୁଛି ନା ଗିରଫ ପରିବାର ପକ୍ଷରୁ ସତ କୁହାଯାଇଛି ତାହା ତଦନ୍ତସାପେକ୍ଷ। ଗିରଫ ମହିଳାଙ୍କ ସ୍ୱାମୀ ରବିଙ୍କ ଅଭିଯୋଗ ଅନୁସାରେ, ସେ କିଛି ମାସ ତଳେ ମଦ ବ୍ୟବସାୟ କରୁଥିଲେ। ବାରମ୍ବାର ଧରପଗଡ଼, ଗାଁ ଲୋକଙ୍କ ଚାପ ଓ ସ୍ତ୍ରୀର ବିରୋଧ ପରେ ସେ ବ୍ୟବସାୟ ବଦଳାଇ ଧୂପକାଠି ପ୍ରସ୍ତୁତ କରି ପରିବାର ଚଳାଉଥିଲେ। ଧୂପକାଠି ପ୍ରସ୍ତୁତିରେ ସ୍ତ୍ରୀ ଅଙ୍ଗନୱାଡି ସହାୟିକା ସୁଷମା ସହଯୋଗ କରୁଥିଲେ। ଶୁକ୍ରବାର କଟକର ଅବକାରୀ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ତାଙ୍କ ଘରେ ପହଞ୍ଚି ମୋତେ ଖୋଜିଥିଲେ। ମୋତେ ନ ପାଇବାରୁ ସୁଷମାଙ୍କୁ ଗିରଫ କଲେ। ଘରେ ଧୂପକାଠି ପ୍ରସ୍ତୁତ ହେଉଥିବା କିଛି ଯନ୍ତ୍ରାଂଶକୁ ଜବତ କଲେ। ପ୍ରତିବାଦ କରିବାରୁ ମଦ ବ୍ୟବସାୟ କଲେ ଗିରଫ ହେବନି ଆଉ କ'ଣ ବୋଲି କହି ନାଲି ଆଖି ଦେଖାଇଥିଲେ। ସୁଷମା ବିରୋଧ କରିବା ପରେ ଦେଶୀ ମଦରୁ ବିଦେଶୀ ମଦ ପ୍ରସ୍ତୁତ ସାମଗ୍ରୀ ଜବତ ହେଲା ପରେ ପ୍ରତିବାଦ କରୁଛ କହି ଗାଡିରେ ବସାଇ ନେବା ପାଇଁ ପ୍ରସ୍ତୁତ ହେଉଥିଲେ। ଅନ୍ୟ ଅଞ୍ଚଳରୁ ଜବତ କିଛି ଦେଶୀ, ବିଦେଶୀ ମଦ ଓ ଅନ୍ୟ ଉପକରଣ ସହ ଧୂପକାଠି ଯନ୍ତ୍ରାଂଶକୁ ରଖି ନିହଲପ୍ରସାଦ ଗାଁରେ ମଦ ତିଆରି କାରଖାନା ଚାଲିଥିଲା ବୋଲି ଫୋନ ଯୋଗେ କାହାକୁ କହିଥିଲେ। ଏ ଘଟଣା ଜଣାପଡିବା ପରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ତେବେ ଅବକାରୀ ସ୍କ୍ୱାଡ୍ ସୁଷମାଙ୍କୁ ନେଇ ତରବରିଆ ଭାବେ ଚାଲି ଯାଇଥିଲେ। ଏ ନେଇ ଅବକାରୀ ସ୍କ୍ୱାଡ୍‌ର ଆଇଆଇସି ଜଗଦୀଶ ସାମଲ କୁହନ୍ତି, ଆମେ ଅଙ୍ଗନୱାଡି ସହାୟିକାଙ୍କୁ ଫସାଇ ନାହୁଁ। ତାଙ୍କ ଘରେ ଦେଶୀ ମଦରୁ ବିଦେଶୀ ମଦ ପ୍ରସ୍ତୁତ କରାଯାଉଥିଲା। ଆମେ ନକଲି ମଦ କାରଖାନାର ଉପକରଣ ଓ ମଦ ଜବତ ପରେ ଅଙ୍ଗନୱାଡି ସହାୟିକାଙ୍କୁ ଗିରଫ କରିଥିଲୁ। ଏହା ସହ ଅନ୍ୟ ଦୁଇଜଣଙ୍କୁ ଗିରଫ କରିଛୁ।

### ବରଫ ପେଟିରେ ମଦ

ମାଛ ବରଫ ପେଟିରେ ବାଇକ୍ ଯୋଗେ ଦେଶୀ ମଦ ଚାଲାଣ ହେଉଥିଲା। ରଣପୁର ଉପର ସଡ଼କ (ବାଇପାସ୍)ରେ ରଣପୁର ଥାନା ପୋଲିସ ଜବତ କରିବାରେ ସଫଳ ହୋଇଛି। ପୋଲିସ ଲକ୍‌ଡାଉନ ଯୋଗୁ ଯାଞ୍ଚ କରୁଥିବାବେଳେ ଶୁକ୍ରବାର ପୂର୍ବାହ୍ନରେ ଜଣେ ମାଛ ବ୍ୟବସାୟୀଙ୍କୁ ଅଟକାଇ ତଦନ୍ତ କରିଥିଲା। ହେଲେ ପୋଲିସକୁ ଦେଖି ମାଛ ବ୍ୟବସାୟୀ ଗାଡି ଛାଡି ପଳାଇ ଯାଇଥିଲେ। ପୋଲିସ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ରତନପୁର ଗାଁ ନରହରସାହିର ରାଜା ବେହେରା(୧୯)ଙ୍କୁ ଗିରଫ କରିଥିଲା। ରାଜାଙ୍କର ନଂ. ଓଡି୨୫ଏଲ୨୫୧୮ ବାଇକ୍ ସହ ୧୦୦ ଲିଟର ଦେଶୀ ମଦ ଜବତ କରିଛି। ଏହି ମଦ ପାଉଚ୍ ଦୁଇଟି ମାଛଭର୍ତ୍ତି ବରଫ ପେଟି ଭିତରେ ଥିଲା। ଏହି ଘଟଣାରେ ପୋଲିସ ନଂ. ୮୫/୨୧ରେ ମାମଲା ରୁଜୁ କରି ତଦନ୍ତ କରୁଛି।

### କରୋନାରେ ଦୁଇ ଜଣଙ୍କ ମୃତ୍ୟୁ ଅଭିଯୋଗ

ନୟାଗଡ଼ ଅଫିସ,୧୪ା୫

ନୟାଗଡ଼ ବ୍ଲକ ଇଟାମାଟି ପଞ୍ଚାୟତ ପ୍ରତାପପ୍ରସାଦର ଓ ନୂଆଗାଁ ବ୍ଲକ ମାଳିସାହିର ଦୁଇଜଣ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଶୁକ୍ରବାର ନୟାଗଡ଼ ପୁରୀ ଗ୍ରାମ୍ୟ ବ୍ୟାଙ୍କର କିରାଣି ରମେଶ କୁମାର ନାୟକ(୫୧) ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। ରମେଶଙ୍କ ଘର ପ୍ରତାପପ୍ରସାଦରେ। ସେହିପରି ମାଳିସାହିର ବିଶିଷ୍ଟ ସାଂସ୍କୃତିକ ସଙ୍ଗଠକ ତଥା ମାଳିସାହି ଗତିକେଶ ହାଇସ୍କୁଲର କିରାଣି ବିଚ୍ଛେଦ ମହାପାତ୍ର(୬୯)ଙ୍କର ଗୁରୁବାର ରାତି ସାଢ଼େ ୮ଟାରେ ଅନୁରୂପ ଭାବେ ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। ଉଭୟ ଚିକିତ୍ସାଧୀନ ଥିଲେ।

### ନୂଆସାହି ମାଇକ୍ରୋ କଣ୍ଟେନମେଣ୍ଟ ଜୋନ

ଖଣ୍ଡପଡା,୧୪ା୫ (ସ୍ୱ.ପ୍ର)

କଣ୍ଟିଲୋ ନିକଟସ୍ଥ ପଥରଚକଡା ପଞ୍ଚାୟତ ଅଧୀନ ନୂଆସାହିରେ ୩ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାପରେ ନୂଆସାହିକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି ବୋଲି ସରପଞ୍ଚ ତ୍ରିନାଥ ମୁଦୁଲି କହିଛନ୍ତି। ଶୁକ୍ରବାର ଭାପୁର ତହସିଲଦାର ତୃପ୍ତି ମହାନ୍ତି ଏହି ସୂଚନା ଦେଇଛନ୍ତି।

# ନୟାଗଡ଼ରେ ବଢୁଛି ଗହଳି



ନୟାଗଡ଼ ସହରରେ ଲୋକେ ଲକ୍‌ଡାଉନକୁ ନ ମାନି ବାଇକ୍, ସାଇକେଲ ଓ ୪ ଚକିଆ ଯାନ ଧରି ଗହଳି କରୁଛନ୍ତି।

ନୟାଗଡ ଅଫିସ,୧୪ା୫

ଲକ୍‌ଡାଉନ ହେବାର ୧୦ମ ଦିବସରେ ନୟାଗଡ଼ ଜିଲା ସଦର ମହକୁମାରେ ଗହଳି ବଢୁଛି। ଲୋକମାନେ ବାଇକ୍ ଆଦି ଯାନଧରି ରାସ୍ତାରେ ସବୁଦିନ ଗଲା ପରି ଯାଉଛନ୍ତି। ଏଭଳି ଦୃଶ୍ୟକୁ ଦେଖିଲେ ଲକ୍‌ଡାଉନ ପରି ଜଣାପଡୁନାହିଁ। ତେବେ କରୋନାର ପ୍ରଥମ ଓ ୨ୟ ଲହର

**ଦିନକରେ ୩୦୧ ପଜିଟିଭ୍**

ନୟାଗଡ ଜିଲାରୁ ୪୮ଜୀବନ ନେଇ ସାରିଲାଣି ବୋଲି ସରକାରୀ ରିପୋର୍ଟ କହୁଛି। ହେଲେ ବେସରକାରୀ ଭାବେ ଏହା ୩୦୦ରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଅପରପକ୍ଷେ ଶୁକ୍ରବାର ରିପୋର୍ଟ ଅନୁଯାୟୀ, ନୟାଗଡ଼ ଜିଲାରେ ୩୦୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨ୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪,୫୪୨ରେ ପହଞ୍ଚିଛି। ଶୁକ୍ରବାର ରିପୋର୍ଟରେ ଭାପୁର ବ୍ଲକରେ ୧୩, ଦଶପଲ୍ଲାରେ ୪୪, ଗଣିଆରେ ୮, ଖଣ୍ଡପଡାରେ ୩୧, ନୟାଗଡରେ ୪୦, ନୂଆଗାଁରେ ୪୭, ଓଡ଼ଗାଁରେ ୪୪, ରଣପୁର ବ୍ଲକରେ ୪୪, ନୟାଗଡ଼ ମ୍ୟୁନିସିପାଲିଟିରେ ୩୦ଜଣ ଆକ୍ରାନ୍ତ ଅଛନ୍ତି।

### ଜଗଦଳପୁର ମିନି କଣ୍ଟେନମେଣ୍ଟ ଜୋନ୍

ଆସିକା,୧୪ା୫(ଡି.ଏନ୍.ଏ.)

ଆସିକା ବ୍ଲକ ଗୁଣ୍ଠପଡା ପଞ୍ଚାୟତ ଜଗଦଳପୁର ଗ୍ରାମକୁ ପ୍ରଶାସନ ପକ୍ଷରୁ ଶୁକ୍ରବାର ମିନି କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଗ୍ରାମରେ ୧୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜି କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। କଣ୍ଟେନମେଣ୍ଟ ଜୋନରେ ୧୪୪ ଧାରା ଜାରି କରାଯାଇଛି। ସେଠାରୁ ବାହାରକୁ ବାହାରିବା ଉପରେ କଟକଣା ଜାରି ହୋଇଛି। ଆସିକା ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବକରଙ୍କୁ ଏହି ଜୋନର ପରିଚାଳନା ଦାୟିତ୍ୱ ଦିଆଯାଇଛି । ଶୁକ୍ରବାର ବିଡିଓ ରୋଶନ ଶତପଥୀ, ତହସିଲଦାର ସଦାନନ୍ଦ ସେଠୀ, ସିଡିପିଓ ଭାରତୀ ମହାପାତ୍ର, ସରପଞ୍ଚ ମୋଟିଆଣି ବେହେରା, ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ବେହେରା ପ୍ରମୁଖ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କୁ କରୋନା ଲାଗି ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି।

### ଖଣ୍ଡପଡ଼ା, ଭାପୁର ବ୍ଲକ କୋଭିଡ୍ ସମୀକ୍ଷା

ନୟାଗଡ ଅଫିସ,୧୪ା୫

ନୟାଗଡ ଜିଲାପାଳ ପୋମା ଟୁଡୁ ଶୁକ୍ରବାର ଅପରାହ୍ନରେ ଖଣ୍ଡପଡା ନିର୍ବାଚନମଣ୍ଡଳୀର ଖଣ୍ଡପଡା ଓ ଭାପୁର ବ୍ଲକର କୋଭିଡ୍ ସ୍ଥିତି ସମ୍ପର୍କରେ ଭରଚୁଆଲ ମାଧ୍ୟମରେ ସମୀକ୍ଷା କରିଛନ୍ତି। କୋଭିଡ୍ ପରିସ୍ଥିତି, ବାହାର ଫେରନ୍ତାଙ୍କ ଟେଷ୍ଟିଂ, ମାଇକ୍ରୋ କଣ୍ଟେନମେଣ୍ଟ ଜୋନ, ଅକ୍ସିଜେନ ଉପରେ ବିଡିଓ, ତହସିଲଦାର ଓ ଡାକ୍ତରଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ଲୋକଙ୍କୁ ସଚେତନତା କରିବାକୁ କୋଭିଡ୍ ଗାଡି ବୁଲାଇବାକୁ କହିଛନ୍ତି। ଅମାନିଆକୁ ସାବାଡ କରିବାକୁ କୋଭିଡ୍ ଆଇନକୁ କଡାକଡି ପାଳନ କରିବାକୁ କହିଥିଲେ। ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗରୁ ଆସୁଥିବା ପ୍ରବାସୀଙ୍କ ପାଇଁ ସଙ୍ଗରୋଧ କଡାକଡି ଉପରେ ଗୁରୁତ୍ୱ ଦେଇଥିଲେ। ସଙ୍ଗରୋଧରେ ଚିକିତ୍ସିତମାନଙ୍କୁ ଆରଆରଟି ଟିମ ନଜର ରଖିବାକୁ ପରାମର୍ଶ ଦେଇଛନ୍ତି। କରୋନାକୁ ମୁକାବିଲାକୁ ସଫଳ କରିବାକୁ ଲୋକପ୍ରତିନିଧିମାନଙ୍କ ସହଯୋଗ ଲୋଡିଥିଲେ। ପୁଣି ଟେଷ୍ଟିଂ ଓ ଆରଟିପିସିଆର ଟେଷ୍ଟିଂ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ, ପିଡି ଡିଆରଡିଏ, ଡିଏଫଓ, ଉପଜିଲାପାଳ, ଜିଲାପରିଷଦ ସଭାପତି, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସିଡିପିଓ ଉପସ୍ଥିତ ଥିଲେ।

# କରୋନା ମୁକାବିଲା ସମୀକ୍ଷା କଲେ ମନ୍ତ୍ରୀ

ଭଞ୍ଜନଗର,୧୪ା୫(ଡି.ଏନ.ଏ)

ଭଞ୍ଜନଗର ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିବାକୁ ନାହିଁ। ଶୁକ୍ରବାର ସୁଧା ଭଞ୍ଜନଗର ବ୍ଲକ ଓ ଏନଏସିରେ ୨୫ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ଦୈନନ୍ଦିନ ନୂଆଁ ନୂଆଁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଆଗକୁ ସ୍ଥିତି ଆହୁରି ବିଗିଡ଼ିବା ସମ୍ଭାବନା ରହିଛି। ତେଣୁ କରୋନାକୁ କିଭଳି ମୁକାବିଲା କରାଯିବ ସେନେଇ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ବନ ବିଭାଗ ଡ଼ାକବଙ୍ଗଳାରେ ଏକ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଅଧ୍ୟକ୍ଷତା କରି କରୋନାକୁ କିଭଳି ମୁକାବିଲା କରାଯିବ ସେ ନେଇ କହିଥିଲେ । ଏଥିସହ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବାକୁ ପଡ଼ିବ। ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଆରୁଖ କହିଥିଲେ। ବୈଠକରେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜି, ତହସିଲଦାର ଆଲୋକ ପ୍ରଧାନ, ବିଡିଓ ଅନିଲ କୁମାର ସେଠୀ, ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସମୀକ୍ଷା କରୁଛନ୍ତି ।

### କରୋନା ଆକ୍ରାନ୍ତ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ବେଗୁନିଆପଡା,୧୪ା୫(ଡି.ଏନ.ଏ.)

ବେଗୁନିଆପଡା ଫାଣ୍ଡି ଅନ୍ତର୍ଗତ କଞ୍ଚଣା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ସଂସ୍କୃତ ଶିକ୍ଷୟିତ୍ରୀ ଆରତୀ ସିଂଙ୍କ ମୃତ୍ୟୁ ଘଟିଛି। ସେ ଗତ ୨୫ ତାରିଖରୁ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗୁରୁବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଶିକ୍ଷୟିତ୍ରୀଙ୍କ ଘର ନୟାଗଡ ଜିଲା ରଣପୁର ହୋଇଥିବା ବେଳେ ସେ ଖଲ୍ଲିକୋଟଠାରେ ଭଡା ଘରେ ରହି ଆସୁଥିଲେ। ତାଙ୍କ ମୃତ୍ୟୁରେ ଖଲ୍ଲିକୋଟ ବ୍ଲକ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

### ଅଗ୍ନିବିପନ୍ନଙ୍କୁ ସହାୟତା

ନୟାଗଡ଼ ଅଫିସ,୧୪ା୫

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଦୂର୍ଦ୍ଦୁରା ପଞ୍ଚାୟତ ନେଳିବାରି ଗାଁର ଅଗ୍ନିବିପନ୍ନ ହରିହର ନାହାକଙ୍କୁ ଚାଉଳ, ଡାଲି, ପନିପରିବା, ଚୁଡା, କଦଳୀ, ବିସ୍କୁଟ ଶୁକ୍ରବାର ପ୍ରଦାନ କରାଯାଇଛି। ଦୁର୍ଦ୍ଦୁରାର ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ପକ୍ଷରୁ ସଞ୍ଜୟ ସାହୁ ଓ ସାମାଜିକ କର୍ମୀ ଦାମୋଦର ସାହୁ ସହାୟତା ପ୍ରଦାନ କରିଥିଲେ। ଗତ ୧୨ ତାରିଖ ରାତିରେ ଘରେ ଶୋଇଥିବାବେଳେ ହରିହରଙ୍କର ୨ ବଖରା ଘର ଜଳି ଯାଇଥିଲା। ପିନ୍ଧିବା ବସ୍ତ୍ରକୁ ଛାଡି ଦେଲେ ତାଙ୍କର ସବୁ କିଛି ଜଳି ଯାଇଛି। ତେବେ ପାଲକୁ ଛାଡି ଦେଲେ ଏଯାବତ ଅନ୍ୟ ସରକାରୀ ସହାୟତା ମିଳି ନ ଥିବା ବିପନ୍ନ ପରିବାରଙ୍କ ପକ୍ଷରୁ କୁହାଯାଇଛି।



ଶ୍ରୀଜଗନ୍ନାଥ ସଂଗ୍ରହାଳୟ ପକ୍ଷରୁ ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ଦିଆଯାଉଛି।

# ଟିଏମ୍‌ସି, କୋଭିଡ୍ ହସ୍ପିଟାଲ ନାହିଁ

ବୁଗୁଡ଼ା,୧୪ା୫(ଡି.ଏନ.ଏ.)

କରୋନା ଦ୍ୱିତୀୟ ଲହରରେ କେବଳ ବୁଗୁଡ଼ା ସହର ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଛି। ସରକାରୀ ଭାବେ କୋଭିଡ୍‌ରେ କୌଣସି ମୃତ୍ୟୁ ହୋଇ ନ ଥିବା କୁହାଯାଉଥିଲେ ହେଁ ଆଜି ସୁଦ୍ଧା ୨୧ ଜଣଙ୍କ ମୃତ୍ୟୁ ଘଟିଛି। ବୁଗୁଡ଼ା ବ୍ଲକକୁ ଶୁକ୍ରବାର ସୁଦ୍ଧା ୧୭୨୯ ପ୍ରବାସୀ ଫେରିଥିବା ବେଳେ ସେଥି ମଧ୍ୟରୁ ଆନ୍ଧ୍ର ଫେରନ୍ତା ୩୪ ଜଣ ଥିବା ବ୍ଲକ ସୂତ୍ରରୁ ଜଣାପଡିଛି। ଗୁରୁବାର ଗୋଟିଏ ଦିନରେ ବୁଗୁଡ଼ା ସହର ଏବଂ ଗ୍ରାମାଞ୍ଚଳରୁ ୨୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ୧୩୧ଆକ୍ରାନ୍ତଙ୍କୁ କରୋନା ଔଷଧ କିଟ୍ ଯୋଗାଇ ଦିଆଯାଇଥିବା ବେଳେ ଆହୁରି ଅନେକ ବିଭିନ୍ନ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ବୁଗୁଡ଼ା ବ୍ଲକର ତିନୋଟି ସ୍ଥାନରେ କୋଭିଡ୍ କେୟାର ସେଣ୍ଟର ପାଇଁ ପ୍ରସ୍ତାବ ରହିଥିବା ବେଳେ ଗୋଳିଆ ଆଦର୍ଶ ବିଦ୍ୟାଳୟରେ ୩୦ଅକ୍ସିଜେନ ଶଯ୍ୟା ସହ ମୋଟ ୧୦୦ଶଯ୍ୟାବିଶିଷ୍ଟ ଜିଲା କୋଭିଡ୍ ହେଲ୍‌ଥ ସେଣ୍ଟର ପ୍ରତିଷ୍ଠା ପାଇଁ ଘୋଷଣା ହୋଇଥିଲା। ଏଥି ନିମନ୍ତେ ଆଦର୍ଶ ବିଦ୍ୟାଳୟରେ ସରପଞ୍ଚଙ୍କ ଦ୍ୱାରା ପ୍ରାୟ ୨ ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟୁତ୍, ପାଣି, ଶୌଚାଳୟ ସଜଡା ଯିବା ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିଲେ ହେଁ ଏଯାଏ ମେଡିକାଲ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ଗୁରୁତର ରୋଗୀ ବ୍ରହ୍ମପୁର ଯିବାକୁ ବାଧ ହେଉଛନ୍ତି। ପ୍ରତିଦିନ ଆଣ୍ଟିଜେନ୍ ଶହେ ଓ ଆର୍‌ଟି-ପିସିଆର୍ ଶହେ ଟେଷ୍ଟ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ନେଇ ବିଡିଓ ତନ୍ମୟ ପାତ୍ର ସୂଚନା ଦେଇଛନ୍ତି।

**ବୁଗୁଡ଼ାରେ ୧୭୨୯ ପ୍ରବାସୀ**



କାର୍ଯ୍ୟକ୍ଷମ ହୋଇ ନ ଥିବା କୋଭିଡ୍ କେୟାର୍ ସେଣ୍ଟର।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମା'ପୁଅଙ୍କୁ ଆକ୍ରମଣ

ନୟାଗଡ଼ ଅଫିସ/ ଖଣ୍ଡପଡ଼ା, ୧୪ା୫ (ସ୍ୱ.ପ୍ର.)

ଖଣ୍ଡପଡ଼ା ଥାନା ଅଧୀନ କିଆଝର ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କୁମୁଦ ସାମଲଙ୍କ ସ୍ତ୍ରୀ ସୁଲୋଚନା, ପୁଅ ନିତ୍ୟାନନ୍ଦଙ୍କୁ ପଡ଼ୋଶୀ ଆନନ୍ଦ ବେହେରାଙ୍କ ପରିବାରବର୍ଗ ଗୁରୁବାର ଅପରାହ୍ନରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ୫ ଜଣଙ୍କ ନାମରେ ୨୯୪, ୩୨୩, ୩୨୫, ୩୪୧, ୩୦୭, ୩୫୪, ୫୦୬ ଓ ୩୪ ଆଇପିସି ଦଫାରେ ନଂ.୯୨/୨୧ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି। ଆକ୍ରମଣର ଶିକାର ହୋଇଥିବା ସୁଲୋଚନାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ଡାହାଣ ହାତ ଭାଙ୍ଗି ଯାଇଛି। ଏବେ ସେ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ଜଣାପଡିଛି।



ଆହତ ସୁଲୋଚନା।

ପୋଲିସ ସୂତ୍ରରୁ ପ୍ରକାଶ, କିଛିବର୍ଷ ଧରି ଏକ ଜାଗା ବାଡିକୁ କେନ୍ଦ୍ରକରି କୁମୁଦ ଓ ଆନନ୍ଦଙ୍କ ପରିବାରବର୍ଗଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଘର ସମ୍ମୁଖରେ ଥିବା ଆମ୍ବ ଗଛରୁ

**୫ ଜଣଙ୍କ ନାମରେ ମାମଲା ରୁଜୁ**

ପବନରେ ଝଡି ପଡିଥିବା ପାଚିଲା ଆମ୍ବ ସୁଲୋଚନା ଗୋଟାଉଥିଲେ। ଏହି ସମୟରେ ହଠାତ୍ ସେଠାରେ ପଡ଼ୋଶୀ ଆନନ୍ଦ, ତାଙ୍କ ସ୍ତ୍ରୀ ସବିତା, ଝିଅ ମାମା ଓ ୨ ପୁଅ ପପୁ, ଦିଲୀପ ପହଞ୍ଚି ପାଟିତୁଣ୍ଡ କରିବା ସହ ଗାଳିଗୁଲଜ କରି ସୁଲୋଚନାଙ୍କୁ ଏକ ଧାରୁଆ ଅସ୍ତ୍ର ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିବା ନିତ୍ୟାନନ୍ଦ ଥାନାରେ ଅଭିଯୋଗ କରିଛନ୍ତି। ପାଟିତୁଣ୍ଡ ଶୁଣି ମା'ଙ୍କୁ ଉଦ୍ଧାର କରିବାକୁ ଯାଇଥିବା ପୁଅଙ୍କୁ ମଧ୍ୟ ଆକ୍ରମଣକାରୀମାନେ ଘେରି ଯାଇ ମାରଧର କରିଥିଲେ। ରକ୍ତାକ୍ତ ଅବସ୍ଥାରେ ଘଟଣାସ୍ଥଳରୁ ମହିଳାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ନିତ୍ୟାନନ୍ଦଙ୍କ ଅଭିଯୋଗ ଅନୁସାରେ, ମା'ଙ୍କୁ ମାରି ଦେବାକୁ ଉଦ୍ୟମ କରି ବିଫଳ ହେବା ପରେ ଏବେ ପରିବାର ଉପରେ ଅଭିଯୁକ୍ତମାନେ ଦାଉ ସାଧୁଛନ୍ତି। ମାମଲାକୁ ସମାଧାନ କର ବୋଲି ଅଭିଯୁକ୍ତମାନେ ବାରମ୍ବାର ଚାପ ପକାଇ ଧମକ ଚମକ ଦେଉଛନ୍ତି। ତେବେ ପୋଲିସ ମାମଲା କରି ଚୁପ୍ ହୋଇ ବସିଛି। ସେପଟେ ଅଭିଯୁକ୍ତମାନେ ଘରେ ରହି ଆମକୁ ହଇରାଣ କରୁଛନ୍ତି। ପୂର୍ବରୁ ମଧ୍ୟ ଏହି ପରିବାର ଆମକୁ ମାରପିଟ୍ କରିଥିଲେ। ଏ ନେଇ ଥାନାରେ ନଂ. ୧୩୦/୨୦୧୮ରେ ମାମଲା ହୋଇଥିଲା ବୋଲି ସେ କହିଛନ୍ତି।